## ପୂର୍ବ ବିବାଦକୁ ନେଇ ସଂଘବଦ୍ଧ ଆକ୍ରମଣ

# ଅଜା, ନାତିକୁ ହାଣିଲେ; ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର

ପିପିଲି,୩।୪(ସମିସ)

ପୂର୍ବ ବିବାଦକୁ ନେଇ ସଂଘବଧ ଆକ୍ରମଣରେ ଗୁରୁତର ହୋଇଛନ୍ତି ଅଜା ନାତି। ସେମାନେ ହେଉଛନ୍ତି ଅଜା ରାଧାମୋହନ ମହାନ୍ତି (୫୦) ଓ ନାତି ଦଶମ ଶ୍ରେଣୀର ଛାତ୍ର ସତ୍ୟପ୍ରକାଶ ମହାନ୍ତି (୧୬)। ଉଭୟଙ୍କୁ ପ୍ରଥମେ ପିପିଲି ହସ୍ପିଟାଲ୍ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଅଭିଯୋଗ ଅନୁଯାୟର, ପିପିଲି ବ୍ଲକ ପାଣିଦୋଳ ପଞ୍ଚାୟତ ଅନନ୍ତପୁର ଗାଁର ସତ୍ୟପ୍ରକାଶଙ୍କୁ ସେହି ଗାଁର ଅନିଲ ମହାନ୍ତି କିଛିଦିନ ତଳେ ମଦ ପିଆଇ କଟକ ବୁଲାଇବାକୁ ନେଇଯାଇଥିବା ନେଇ ପିପିଲି ଥାନାରେ ପରିବାର ଲୋକେ ଅଭିଯୋଗ କରିଥିଲେ। ସତ୍ୟପ୍ରକାଶକୁ ପାଇବା ପରେ ତାକୁ ଅନିଲ ସହିତ ମିଳାମିଶା କରିବାକୁ ବାରଣ କରିଥିଲେ। କିନ୍ତୁ ଅନିଲ ବାରମ୍ବାର ସତ୍ୟପ୍ରକାଶକୁ ତା' ସହିତ ମିଳାମିଶା କରିବାକୁ ବାଧ୍ୟ କରୁଥିଲା। ଏପରିକି, ବିଭିନ୍ନ ସମୟରେ ଗାଳି ଗୁଲଜ ସହିତ ହାଣିଦେବ ବୋଲି ଧମକ ଦେଉଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗୁରୁବାର ମଧ୍ୟରାତ୍ରିରେ ଅନିଲ ଓ ତାଙ୍କ ପରିବାର ଲୋକେ କିଛି ସହଯୋଗୀକୁ ନେଇ ସତ୍ୟ ପ୍ରକାଶକୁ ସଂଘବଧ ଆକ୍ରମଣ କରିଥିଲେ। ମାରଣାସ୍ତ୍ରରେ କାନ ଓ ବେକକୁ ହାଣିଥିଲେ। ନାତିକୁ ଆକ୍ରମଣ ହେଉଥିବା ଦେଖି ଅଜା ରାଧାମୋହନ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ ଦୁର୍ବୃତ୍ତ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରଥମେ ପିପିଲି ଏବଂ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

ସତ୍ୟପ୍ରକାଶଙ୍କ ମା ସ୍ୱାତୀ ଏ ନେଇ ପିପିଲି ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି, ଗୁରୁବାର ରାତି ସାଢେ ୧୨ଟାରେ ଗାଁର ଭାଗବତ ବାସୁଦେବ ମଠସାହି ମେଳଣ ପଡିଆକୁ ଯିବା ପାଇଁ ଏକ ସୁସଜିତ ବିମାନରେ ଗାଁରେ ଭୋଗଖାଉଥିଲେ। ସତ୍ୟପ୍ରକାଶ ଦାଣ୍ଡପିଣ୍ଡାରେ ଠିଆ ହୋଇଥିବାବେଳେ ୧୨ଜଣ ବ୍ୟକ୍ତି ଫାର୍ସା, ଖଣ୍ଡା, ଲୁହାରଡ, ଭଙ୍ଗା କାଚବୋତଲ ଏବଂ ବନ୍ଧୁକ ଧରି ଅତର୍କିତ ଭାବେ ଆକ୍ରମଣ କରିଥିଲେ। ସତ୍ୟପ୍ରକାଶ ନିଜ ଜୀବନ ବଞ୍ଚାଇବାକୁ ଦୌଡିବା ବେଳେ ତାକୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ସତ୍ୟପ୍ରକାଶର ମୁଣ୍ଡ ଓ କାନମୁଣ୍ଡାରେ ଗୁରୁତର ଆଘାତ ଲାଗି ମାଂସ ପିଣ୍ଡୁଳା ବାହାରିପଡିଛି। ପ୍ରବଳ ରକ୍ତସ୍ରାବ ହେବାରୁ ସେ ଚେତାଶୂନ୍ୟ ହୋଇପଡିଯିବା ଦେଖି ଅଜା ରାଧାମୋହନ ରୋକିବାକୁ ଯିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ରାଧାମୋହନଙ୍କର ଦୁଇହାତ ଓ ବାମପଟ ହାତ ପାପୁଲିକୁ ହାଣିଦେବା ସହିତ ମୁଣ୍ଡକୁ ଆକ୍ରମଣ କରିଛନ୍ତି। ତାଙ୍କ ନାକରୁ ମଧ୍ୟ ପ୍ରବଳ ରକ୍ତସ୍ରାବ ହେଉଛି। ପୁଲିସ ଅଭିଯୋଗ ଆଧାରରେ ତଦନ୍ତ କରୁଥିବା ବେଳେ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରି ନାହିଁ। ସୂଚନାଥାଉ କି, ଅନିଲ ଦୁଇଚାରି ଦିନ ତଳେ ଅନନ୍ତପୁର ଛକରେ ନିଶାସକ୍ତ ଅବସ୍ଥାରେ ସତ୍ୟପ୍ରକାଶକୁ ଗାଳିମନ୍ଦ କରିଥିଲେ। ସତ୍ୟପ୍ରକାଶର ଦାଦା ଅନିଲକୁ ଏକ ଚାପୁଡା ମାରିଥିଲେ ବୋଲି କୁହାଯାଉଛି। ସତ୍ୟପ୍ରକାଶ ଏବଂ ଅନିଲ ଉଭୟ ଦଶମ ଶ୍ରେଣୀର ଛାତ୍ର ଏବଂ ବୋର୍ଡ ପରୀକ୍ଷା ଦେଇଛନ୍ତି।

● ବନ୍ଧୁକ ଧରା ଭିଡିଓ ଭାଇରାଲ

## ତଦନ୍ତ ପରେ ଜଣାପଡ଼ିଲା ଖେଳଣା ବନ୍ଧୁକ

ପୁରୀ,୩।୪(ସମିସ): ଜଣେ ଯୁବକ ହାତରେ ଏକ ବନ୍ଧୁକ ଧରିଛନ୍ତି। ତାହାକୁ ଉପରକୁ ଟେକି ଫୁଟାଇବାରୁ ସେଥିରୁ ଧୂଆଁ ଓ ଆଲୋକ ବାହାରିଥିଲା। ଏମିତି ଏକ ଭିଡ଼ିଓ ଶୁକ୍ରବାର ସନ୍ଧ୍ୟାରେ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଭାଇରାଲ ହୋଇଥିଲା। କିନ୍ତୁ ଏହା ସାଧାରଣ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ସହ ଚିନ୍ତା ବଢାଇଥିଲା। ଟାଉନ ଥାନା ପୁଲିସ ନଜରରେ ଏହି ଭିଡ଼ିଓ ଆସିବା ପରେ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। କିଏ ସେ ଯୁବକ ଏବଂ କ'ଣ ପାଇଁ ଏଭଳି କରିଛନ୍ତି ତାହାର ଖୋଳତାଡ଼ ଆରମ୍ଭ କରିଥିଲା ଟାଉନ୍ ପୁଲିସ। ଏହାପରେ ସମ୍ପୃକ୍ତ ଯୁବକଙ୍କୁ ଠାବ କରିବାରେ ପୁଲିସ ସଫଳ ହୋଇଥିଲା। ସେ ଥିଲେ ଶୀତଳପିଣ୍ଡା ସାହିର କୃଷ୍ଣ କୁମାର ପଣ୍ଡା। ତାଙ୍କୁ ପୁଲିସ ଥାନାକୁ ଧରି ଆଣି ପଚରାଉଚରା କରିଥିଲା। ଯାଞ୍ଚ ସମୟରେ ଜଣାପଡିଥିଲା ଯେ, ଯୁବକ ଜଣଙ୍କ ଯେଉଁ ବନ୍ଧୁକ ବ୍ୟବହାର କରିଥିଲେ ତାହା ପ୍ରକୃତରେ ବନ୍ଧୁକ ନ ଥିଲା। ଦୀପାବଳି ପାଳନ ସମୟରେ ସାଧାରଣତଃ ବ୍ୟବହୃତ ହେଉଥିବା ଖେଳଣା ବା ପାଇରୋଟେକ୍ନିକ୍ ଜିନିଷ ଥିଲା। ଏହା ଅନ୍‌ଲାଇନରେ ପ୍ରାୟ ୧,୧୦୦ ଟଙ୍କାରେ କିଣାଯାଇଥିବା ଜଣାପଡ଼ିଛି। ଘଟଣାଟି ଲୋକନାଥ ରୋଡ୍‌ର ପାଇକ ସାହିରେ ଅବସ୍ଥିତ ଏକ ଘର ପାର୍କିଂ ଅଞ୍ଚଳରେ ଘଟିଥିଲା। ଏହି ସମ୍ପର୍କରେ ଟାଉନ୍ ଥାନାରେ ଏକ ଜିଡି ଏଣ୍ଟ୍ରି କରାଯାଇଛି ମାମଲାର ଅଧିକ ତଦନ୍ତ ଚାଲିଛି।

## ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପ-ମୁଖ୍ୟମନ୍ତ୍ରୀଙ୍କ ଗସ୍ତ



ନିମାପଡ଼ା,୩।୪(ସମିସ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଚାନକ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ସ୍ୱାସ୍ଥ୍ୟସେବାର ସ୍ଥିତି ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ଉପସ୍ଥିତ ରୋଗୀ ଏବଂ ସେମାନଙ୍କ ପରିବାର ଲୋକମାନଙ୍କୁ ସ୍ୱାସ୍ଥ୍ୟସେବାର ମାନ ବାବଦରେ ପଚାରି ବୁଝିଥିଲେ। ସୂଚନାଯୋଗ୍ୟ ଯେ, ଏଚ୍‌ଡିଏଫ୍‌ସି ବ୍ୟାଙ୍କର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର) ଅଧୀନରେ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଫଳରେ ସ୍ଥାନୀୟ ଜନତା ବିଶେଷ କରି ମହିଳାମାନେ ଆଉ ଅଲଟ୍ରାସାଉଣ୍ଡ ପାଇଁ ଭୁବନେଶ୍ୱର ଯିବାକୁ ପଡୁନାହିଁ। 'ନିରାମୟ' ଔଷଧ ବିତରଣ କେନ୍ଦ୍ର ବନ୍ଦ ଥିବା ଦେଖି ସେ ଏହି ନିଃଶୁଳ୍କ ଔଷଧ ବିତରଣ କେନ୍ଦ୍ରକୁ ୨୪ ଘଣ୍ଟା ଖୋଲା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ସତ୍ୟବାଦୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ସମ୍ମିଳନୀ

ସାକ୍ଷୀଗୋପାଳ,୩।୪(ସମିସ): ସତ୍ୟବାଦୀ ବ୍ଲକ୍‌ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀଙ୍କ ତତ୍ତ୍ୱାବଧାନ ଓ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୈଠକ ପ୍ରାରମ୍ଭରେ ଅଧ୍ୟକ୍ଷ ଶ୍ରୀ ପାଢ଼ୀ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଅଭିବୃଦ୍ଧି ଏବଂ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ଅଭିଭାବକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥିସହ ବିଦ୍ୟାଳୟର ଶିକ୍ଷକ ବିନ୍ଦୁ ସାଗର ସ୍ୱାଇଁ ଛାତ୍ରଛାତ୍ରୀଙ୍କ ପରୀକ୍ଷା ପ୍ରସ୍ତୁତି, ଦୈନିକ ପାଠପଢ଼ା ଏବଂ ସେମାନଙ୍କର ସର୍ବାଙ୍ଗୀଣ ବିକାଶ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଉପସ୍ଥିତ ଶିକ୍ଷକମାନେ ଆଗାମୀ ପରୀକ୍ଷାଗୁଡ଼ିକରେ କିଭଳି ପିଲାମାନେ ଉତ୍ତମ ପ୍ରଦର୍ଶନ କରିବେ, ସେଥିପାଇଁ ସ୍ୱତନ୍ତ୍ର ରଣନୀତି ବିଷୟରେ ଅଭିଭାବକମାନଙ୍କୁ ଅବଗତ କରିଥିଲେ। ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ରହିଲେ ହିଁ ବିଦ୍ୟାଳୟର ସୁନାମ ବୃଦ୍ଧି ହେବା ସହ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଅଭିଭାବକମାନେ ପିଲାଙ୍କ ପାଠପଢ଼ା ସମ୍ପର୍କିତ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ ଏବଂ ଶିକ୍ଷକମାନେ ତାହାର ସମାଧାନ ସୂଚନା ପ୍ରଦାନ କରିଥିଲେ।

## ମା' ବାଇଦେଇ ମହୋତ୍ସବ ଉଦ୍‌ଯାପିତ

ଚାରିଛକ,୩।୪(ସମିସ): ଚାରିଛକ ନିକଟସ୍ଥ ତୁଳସୀପୁର ପଂଚାୟତ ଗଡ଼ଅମରପ୍ରସାଦ ଠାରେ ୮ମ ବାର୍ଷିକ ମା' ବାଇଦେଇ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ଦ୍ୱିଜବର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଗୁରୁବାର ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ତଥା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରର ଓୟୁଏଟି ଅଧ୍ୟକ୍ଷ ପ୍ରଫେସର ଡଃ ସୁସେନ କୁମାର ପଣ୍ଡା, ସମ୍ମାନୀତ ଅତିଥିଭାବେ କଣ୍ଠଶିଳ୍ପୀ ସରିତା ଆଚାର୍ଯ୍ୟ,ଏମବିବିଏସ୍ ଏମ୍‌ଡି ପାଥୋଲୋଜି ଅଭୟଜିତ ସାହୁ, ଅସ୍ତରଂଗ ବନ୍ୟପ୍ରାଣୀ ବନାଂଚଳ ଅଧିକାରିଣୀ ମୋନାଲିସା ମହାପାତ୍ର, ସମାଜସେବୀ ସୁରେଶ ଚନ୍ଦ୍ର ସାହୁ, ସମାଜସେବୀ ଆଶୁତୋଷ ମହାନ୍ତି, ସାଂସଦଙ୍କ ନିମାପଡ଼ା ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ପୁରୀ ଜିଲ୍ଲା ଭାଜପା ଉପ-ସଭାନେତ୍ରୀ ମୀନଲତା ମହାନ୍ତି, ପୂର୍ବତନ ସରପଂଚ ଭଗବାନ ମିଶ୍ର, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସ୍ୱାଇଁ, ତୁଳସୀପୁର ଭାଜପା ସଭାପତି କୈଳାଶ ଚନ୍ଦ୍ର କର, ନାରୀନେତ୍ରୀ ଝିଲିଲତା ଦାସ, ଚାରିଛକ ଭାଜପା ମଣ୍ଡଳ ସଭାପତି ପ୍ରଭାତ କୁମାର ନାୟକ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରାଜକିଶୋର ସାହୁ, କ୍ରୀଡ଼ା ଶିକ୍ଷକ ମୁରଲୀଧର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ବିଭିନ୍ନ ଅଂଚଳରୁ ଆସିଥିବା ସ୍ୱନାମଧନ୍ୟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ଦିନ ସାଇ ମନ୍ଦିର ନିକଟରେ ଏକ ଆନନ୍ଦ ବଜାର ଖୋଲାଯାଇ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଶିକ୍ଷାବିତ୍ ପ୍ରତାପ କୁମାର ରାଉତ ଓ ଶିକ୍ଷାବିତ୍ ଡଃ ମନମୋହନ ଶର୍ମାଙ୍କ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା



ମହୋତ୍ସବ ଗ୍ରାମାଞ୍ଚଳରେ ଲୁଚି ହଜି ଯାଉଥିବା କଳାକୁ ଉଦ୍‌ଜୀବିତ କରେ। ଉଦ୍‌ଯାପନୀ ଉତ୍ସବରେ ଗ୍ଲୋବାଲ ହିପପ୍ ଡ୍ୟାନ୍ସ ଗ୍ରୁପ୍ କଟକ, ବାଇଦେଇ ଡ୍ୟାନ୍ସ ଗ୍ରୁପ୍ ଗଡ ଅମରପ୍ରସାଦ, ମେଲୋଡି ସୁର ମିଲନ୍ କଟକ ଆଦି ସ୍ଥାନରୁ ଆସିଥିବା ସ୍ୱନାମଧନ୍ୟ କଳାକାରଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଆକର୍ଷଣ ଥିବା ଅଭିନେତ୍ରୀ ଶିବାନୀଙ୍କ ଅଭିନୟରେ ଦର୍ଶକ ବିମୋହିତ ହୋଇଥିଲେ। ମହୋତ୍ସବ ଆରମ୍ଭରୁ ବେଳେ ସ୍ତମ୍ଭକାର ଶିକ୍ଷାବିତ ଚିତ୍ତରଞ୍ଜନ ପୃଷ୍ଟି ବାର୍ଷିକ ବିବରଣୀ ପଠନ କରିଥିଲେ। ମା'ବାଇଦେଇ ମହୋତ୍ସବ କମିଟିର ସମସ୍ତ ସଦସ୍ୟ, ଗଡ଼ଅମରପ୍ରସାଦ ଗ୍ରାମବାସୀ ଓ ଆଖପାଖ ଅଂଚଳର ଜନସାଧାରଣଙ୍କ ମିଳିତ ସହଯୋଗରେ ୮ ବର୍ଷଧରି ଏହି ମହୋତ୍ସବ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିବାରୁ କମିଟିର ସଭାପତି ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଚାରିଛକ ଥାନା ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।

### ଚିନ୍ତାରେ ଚାଷୀ

## ଚିନାବାଦାମ ଗଛରେ ରୋଗପୋକ ଲାଗି ଫସଲ ନଷ୍ଟ



କଣାସ,୩।୪(ସମିସ): କଣାସ ବ୍ଲକ ଗଡ଼ସାନପୁଟ, ଗଡ଼ବଡ଼ପୁଟ, ପଡିଆକେରା, ଦୋକୋନ୍ଧା, ବଡାଶ, ଗଡ଼ବଳଭଦ୍ରପୁର ଗ୍ରାମ ପଞ୍ଚାୟତର ଚାଷଜମି ଦୟା ଓ ରାଜୁଆ ନଦୀର ମଧ୍ୟବର୍ତ୍ତି ହୋଇଥିବାରୁ ପ୍ରତିବର୍ଷ ବନ୍ୟା ଦ୍ୱାରା ଚାଷୀମାନେ ସାରଦ ଧାନ ଫସଲ ହରାଇ ରବି ଋତୁରେ ଚିନାବାଦାମ ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ମାତ୍ର ଚାଷୀମାନେ ଚିନାବାଦାମ ମଞ୍ଜି ସରକାରୀ ବିହନ ବିକ୍ରୟ ଡିପୋରୁ ଠିକ୍ ସମୟରେ ପାଇପାରନ୍ତିନାହିଁ। ଜମିରୁ ପାଗ ଛାଡି ଯାଉଥିବାରୁ ପ୍ରତିବର୍ଷ ସୁଦୂର ରାଜଆଠଗଡ଼ ଓ ଅନୁଗୁଳ ଅଞ୍ଚଳରୁ ଅଧିକା ଟଙ୍କା ଖର୍ଚ୍ଚ କରି ମଞ୍ଜି କିଣି ଚାଷ କରନ୍ତି। ଚଳିତବର୍ଷ ମଧ୍ୟ ଠିକ୍ ସମୟରେ ସରକାରୀ ଡିପୋରୁ ମଞ୍ଜି ନପାଇ ଅଧିକା ଖର୍ଚ୍ଚାନ୍ତ ହୋଇ ରାଜଆଠଗଡ଼ ଓ ଅନୁଗୁଳ ଅଞ୍ଚଳରୁ ମଞ୍ଜି ଆଣି ଚିନା ବାଦାମ ଚାଷ କରିଥିଲେ। ବର୍ତ୍ତମାନ ଚିନା ବାଦାମ ଗଛରେ ପୋକ ଲାଗି ଖାଇ ଯାଉଥିବାରୁ ଚାଷୀ ଚିନ୍ତାରେ।

ପୋକ ଲାଗିବା ସମ୍ପର୍କରେ କଣାସ କୃଷି ଅଧିକାରୀଙ୍କୁ ଅନେକ ଚାଷୀ ଜଣାଇବା ସହ ତୁରନ୍ତ ଅନୁଧ୍ୟାନ କରି କୀଟନାଶକ ଯୋଗାଇ ଦେବାକୁ ଦାବି କରିଛନ୍ତି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି, ଗ୍ରାମ ମହାଜନଙ୍କ ଠାରୁ ଚଢ଼ା ଦରରେ ଟଙ୍କା ଆଣି ଚାଷ କରିଥିବାରୁ କିପରି ଏହାକୁ ପରିଶୋଧ କରିବେ ସେ ନେଇ ଏବେ ଚିନ୍ତାରେ ଅଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ; ୨ ଆହତ

ନୟାହାଟ,୩।୪(ସମିସ): ଶୁକ୍ରବାର ରାତି ୯ଟାରେ ନୟାହାଟ ହାଇସ୍କୁଲ ନିକଟରେ ଏକ ଆପାଚି ବାଇକ୍ ଓ ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଆହତ ହୋଇଛନ୍ତି। ନୟାହାଟ ଫାଣ୍ଡି ଅନ୍ତର୍ଗତ ରଙ୍ଗତୋଟା ମୁସଲମାନ ବସ୍ତିର ତାହାୟାସିଦ୍ (୨୩)ଙ୍କ ମୁଣ୍ଡ ଫାଟିଥିବା ବେଳେ ଅନ୍ୟଜଣେ ଯୁବତୀ ପିନାଜ୍ ସବନମ୍ (୨୦) ଖଣ୍ଡିଆଖାବରା ହୋଇଥିଲେ। ଦୁଇ ଆହତଙ୍କୁ ଚାରିଛକ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ତାହାୟାସିଦ୍‌ଙ୍କ ଅବସ୍ଥା ଗୁରୁତର ରହିଛି। ସ୍କୁଟି ଚଳାଉଥିବା ଯୁବତୀ ପିନାଜଙ୍କ ଘର କାକଟପୁର ଥାନା ଫକୀରସାହି ମୁସଲମାନ ବସ୍ତିର ହୋଇଥିବାବେଳେ ତାଙ୍କୁ ନୟାହାଟ ପୁଲିସ ଅଟକ ରଖିଛି। ଦୁଇଟି ଯାକ ବାଇକ୍ ପୁଲିସ ଜବତ କରି ଘଟଣାର ତଦନ୍ତ କରୁଛି।

## କଣାସରେ ତୃତୀୟ ପର୍ଯ୍ୟାୟ ଜନଗଣନା ତାଲିମ

କଣାସ,୩।୪(ସମିସ): କଣାସ ବ୍ଲକରେ ତୃତୀୟ ପର୍ଯ୍ୟାୟ ଜନଗଣନା ବ୍ଲକ ଅନ୍ତର୍ଗତ ଦୟାବିହାରରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନ ପରିସରରେ ଦୁଇଟି ତାଲିମ ଗୃହରେ ୧୦୦ଜଣ ଜନଗଣନା ଅଧିକାରୀ ଓ ସୁପରଭାଇଜରଙ୍କୁ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ପ୍ରମୋଦ କୁମାର ହୋତା, ରତ୍ନାକର ସାହୁ, ନିରଞ୍ଜନ ସ୍ୱାଇଁ, ପ୍ରଭାସ କୁମାର ମଙ୍ଗରାଜ ପ୍ରମୁଖ ତାଲିମଦାତା ଭାବେ ଯୋଗଦେଇ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଓ ଗୃହ ତାଲିକା ସମ୍ପର୍କରେ ଶିବିରାର୍ଥୀଙ୍କୁ ତାଲିମ ପ୍ରଦାନ କରିଥିଲେ। ପ୍ରଥମ ଦୁଇଦିନର ତାଲିମ ପରେ ତୃତୀୟ ଦିନ ଶିବିରାର୍ଥୀମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ ନିକଟସ୍ଥ ଗୃହ ଗଣନାର ଅଭ୍ୟାସ କରାଯାଇଥିଲା। ତହସିଲଦାର ହିମାଂଶୁ ଶେଖର ଗିରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ତାଲିମ ଶିବିରକୁ ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ ପରିଦର୍ଶନ କରିଥିଲେ। ସୂଚନାଥାଉକି, ଏଠାରେ ଦୁଇଟି ପର୍ଯ୍ୟାୟରେ ୨ଶହ ଜଣ ତାଲିମ ଗ୍ରହଣ କରିସାରିଲେଣି।

## ସେବାନିବୃତ୍ତ ସମ୍ବର୍ଦ୍ଧନା ସମାରୋହ



ଚାରିଛକ,୩।୪(ସମିସ): ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ସହକାରୀ ଗ୍ରନ୍ଥାଧ୍ୟକ୍ଷ ବିଜୟ କୁମାର ପ୍ରଧାନଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଅଶୋକ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଭାପତି ପ୍ରଫେସର ଡ. ସନ୍ତୋଷ କୁମାର ମିତ୍ର, ପ୍ରାକ୍ତନ ଅଧ୍ୟକ୍ଷ ତଥା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୂର୍ବତନ ସିଣ୍ଡିକେଟ୍ ସଦସ୍ୟ ପ୍ରଫେସର ଗୋପୀନାଥ କର, ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଭାତ ଚନ୍ଦ୍ର ମିଶ୍ର ଯୋଗଦେଇ ଶ୍ରୀ ପ୍ରଧାନଙ୍କ ଗୁଣଗାନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରିଣୀ କାନନବାଳା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଜୀବନ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ସମାରୋହରେ ଅତିଥି ରୂପେ ମହାବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ, ସମାଜସେବୀ ସନାତନ ପାତ୍ର, କୁଳମଣୀ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. କେଦାରନାଥ ସାହୁ, ପ୍ରାକ୍ତନ ଅଧ୍ୟକ୍ଷା ପ୍ରଫେସର କଲ୍ୟାଣୀ ପଟ୍ଟନାୟକ, ପ୍ରଫେସର ସ୍ୱର୍ଣ୍ଣରଶ୍ମୀ ସାହୁ, ପ୍ରଫେସର ବିନୋଦିନୀ ଦାଶ, ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକ ଯୋଗଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ଶର୍ମିଷ୍ଠାରାଣୀ ମହାନ୍ତି ମାନପତ୍ର ପଠନ କରିଥିଲେ। ପରିଶେଷରେ ମହାବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ଶ୍ରୀଲେଖା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଏବିଏସ୍ ଅକ୍ସଫୋର୍ଡ ଇଣ୍ଟରନ୍ୟାସ୍‌ନାଲ ସ୍କୁଲର ବାର୍ଷିକ ଉତ୍ସବ



ଚାରିଛକ,୩।୪(ସମିସ): ଚାରିଛକସ୍ଥିତ ଅକ୍ସଫୋର୍ଡ ଇଣ୍ଟର ନ୍ୟାସ୍‌ନାଲ ଇଂରାଜୀ ସ୍କୁଲର ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚେୟାରମ୍ୟାନ ରୀନାବାଳା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ମିତ୍ର, ସମ୍ମାନିତ ଅତିଥି ଭାବେ ସମାଜସେବୀ ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର, କବିରାଜ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. କେଦାରନାଥ ସାହୁ, ସ୍ଥାନୀୟ ଥାନା ଅଧିକାରୀ ଶୋଭରାଜ ପ୍ରିୟଦର୍ଶୀ ମହାନ୍ତି, ଏବିଏସ୍ ଅକ୍ସଫୋର୍ଡ ସ୍କୁଲର ଭାଇସ୍ ଚେୟାରମ୍ୟାନ ମାନସ କୁମାର ମଲ୍ଲିକ, ନିର୍ଦ୍ଦେଶକ ଦେବୀ ପ୍ରସନ୍ନ ମହାନ୍ତି, ପ୍ରିନ୍ସପାଲ ବିଖ୍ୟାତ ବିହାରୀ ମିଶ୍ର, ଡ. ସୁଶାନ୍ତ କୁମାର ଦାସ, ସ୍ୱୟଂପ୍ରଭା ମିଶ୍ର ଯୋଗଦେଇଥିଲେ। ଏହି ଉତ୍ସବରେ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ, ଅଭିଭାବକ, ଅଭିଭାବିକା ଓ କୃତୀ ପ୍ରତିଭାମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପ୍ରିନ୍ସପାଲ୍ ବନମାଳି ପାଣି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦକ ଟିଟୁ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲିସ ପ୍ରତିଷ୍ଠା ଦିବସରେ ଡେଲାଙ୍ଗ ଓଆଇସିଙ୍କୁ ସମ୍ବର୍ଦ୍ଧନା




ଡେଲାଙ୍ଗ,୩।୪(ସମିସ): ଉତ୍କଳ ଦିବସ ଓ ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ପୁରୀ ଏସ୍‌ପି ପ୍ରତୀକ୍ ସିଂହ ଡେଲାଙ୍ଗ ଥାନା ଓଆଇସି ମମତା ବିଶ୍ୱାଳଙ୍କୁ ବେଷ୍ଟ ଏସ୍‌ଆଇ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ସମ୍ବର୍ଦ୍ଧନା ସମାବେଶ ପୁରୀ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଜନତାଙ୍କ ସୁରକ୍ଷା ପାଇଁ ୧୯୩୬ ମସିହା ଆଜିର ଦିନରେ ପୁଲିସ ବାହିନୀଙ୍କ ପ୍ରତିଷ୍ଠା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ବିଭିନ୍ନ ଥାନା ଓ ଫାଣ୍ଡିରେ ଉତମ କାର୍ଯ୍ୟକରି ଖ୍ୟାତି ଅର୍ଜନ କରିଥିବା ଅଧିକାରୀମାନଙ୍କୁ ପୁରସ୍କୃତ କରାଯାଇଛି। ଡେଲାଙ୍ଗ ଥାନାର ଓଆଇସି ଶ୍ରୀମତୀ ବିଶ୍ୱାଳ ୨୦୧୭ରେ ପୁଲିସ ବିଭାଗରେ ନିୟୋଜିତ ହେବା ସହିତ ନିମାପଡ଼ା, ସତ୍ୟବାଦୀ, ଚାରିଛକ, ପିପିଲି ଓ ଡେଲାଙ୍ଗରେ କାର୍ଯ୍ୟ କରିଆସିଛନ୍ତି। ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ, ନିଶା କାରବାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଆଇନ ଶୃଙ୍ଖଳା ରକ୍ଷା, ବିଭିନ୍ନ ଅପରାଧିକ ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ଦିଗରେ ସଫଳତାର ସହ କାର୍ଯ୍ୟକରି ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିବା ଜଣାପଡ଼ିଛି। ଡେଲାଙ୍ଗ ପ୍ରେସ୍ କ୍ଲବ୍ ସଭାପତି ପ୍ରସନ୍ନ ତ୍ରିପାଠୀ, ସଦସ୍ୟ ପ୍ରଦୀପ ରଞ୍ଜନ ବିଶ୍ୱାଳ, ରଶ୍ମିରଞ୍ଜନ ପ୍ରଧାନ, ଚନ୍ଦ୍ରଶେଖର ବିଶ୍ୱାଳ, ଚିତ୍ତରଞ୍ଜନ ଜେନା, ଦିଲ୍ଲୀପ ଧାଉଡ଼ିଆ, ଅନିମାଳୀ ମିଶ୍ର, ବିଜୟ ମହାପାତ୍ର ପ୍ରମୁଖ ସାମ୍ବାଦିକମାନେ ଶ୍ରୀମତୀ ବିଶ୍ୱାଳଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

### ୩ ବର୍ଷ ହେଲା କର୍କଟ ରୋଗ ସହ ଲଢୁଛନ୍ତି ଶ୍ରୀକାନ୍ତ

## ସ୍ୱାମୀଙ୍କ ଚିକିତ୍ସା ପାଇଁ ଗୀତାଞ୍ଜଳିଙ୍କ ଆକୁଳ ନିବେଦନ

ସାକ୍ଷୀଗୋପାଳ,୩।୪(ସମିସ)

ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ନହଳା ଗ୍ରାମର ଶ୍ରୀକାନ୍ତ ବେହେରା(୪୯) କର୍କଟ ରୋଗ ସହ ୨୦୨୩ରୁ ସଂଘର୍ଷ କରୁଛନ୍ତି। ଜଣେ ରାଜମିସ୍ତ୍ରି ଭାବେ କାମ କରି ଉପାର୍ଜିତ ଅର୍ଥରୁ ପରିବାର ପ୍ରତିପୋଷଣ କରି ପିଲାଙ୍କ ପାଠପଢା ଓ ଝିଅ ବିବାହ ପାଇଁ ସଞ୍ଚୟ କରି ରଖିଥିବା ଅର୍ଥ ନିଜର ଚିକିତ୍ସାରେ ସାରିବା ପରେ ଧାର ଉଦ୍ଧାରରେ ଏ ପର୍ଯ୍ୟନ୍ତ ଚିକିତ୍ସା ବାବଦରେ ଅନ୍ୟୁନ ୧୬ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ରୋଗ ବଢ଼ିଯିବାରୁ ଆଉ ଅଧିକ ଅର୍ଥ ଆବଶ୍ୟକ ରହିଛି। ଚିକିତ୍ସା କରୁଥିବା ଡାକ୍ତର ଭଲ ହେବା ପାଇଁ ଆଉ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କହିଛନ୍ତି। ସେପଟେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଆୟୁଷ୍ମାନ କାର୍ଡରେ ମଧ୍ୟ ଆଉ ଚିକିତ୍ସା ପାଇଁ ଟଙ୍କା ନାହିଁ। ଏବେ ଏତେ ଟଙ୍କା ଯୋଗାଡ଼ କରିବା ପରିବାର ପକ୍ଷେ ସମ୍ଭବ ହେଉ ନ ଥିବାରୁ ଅଧିକ ଚିକିତ୍ସା ସମ୍ଭାବନାରେ ଆଶଙ୍କା ସୃଷ୍ଟି ହୋଇଛି। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ରାଜନୈତିକ ବ୍ୟକ୍ତି, ସହୃଦୟ ବ୍ୟକ୍ତି, ବଦାନ୍ୟ ବ୍ୟକ୍ତି ଓ ବିଭିନ୍ନ ସଂଗଠନ ଏବଂ ସରକାରଙ୍କଠାରୁ ଚିକିତ୍ସା ପାଇଁ ସହଯୋଗ ମିଳିଲେ ମୋ ସ୍ୱାମୀଙ୍କ ଜୀବନ ବଞ୍ଚିଯାଇ ପାରିବ ବୋଲି କୋହଭରା କଣ୍ଠରେ କହିଛନ୍ତି ଶ୍ରୀକାନ୍ତଙ୍କ ପତ୍ନୀ ଗୀତାଞ୍ଜଳି।



ପରିବାର କହିଲେ ସହଧର୍ମିଣୀ ଗୀତାଞ୍ଜଳି, ପୁଅ ସତ୍ୟନାରାୟଣ, ଝିଅ ସୁଚିସ୍ମିତା। ହସଖୁସିରେ ଚାଲୁଥିବା ପରିବାର ସଦସ୍ୟ ଏବେ ପୂରା ଭାଙ୍ଗି ପଡ଼ିଛନ୍ତି। ଶ୍ରୀକାନ୍ତଙ୍କ ପୁଅ ଓ ଝିଅ ମଧ୍ୟ ବାପାଙ୍କ ଜୀବନ ବଞ୍ଚାଇବା ନିମନ୍ତେ ସହଯୋଗ ପାଇଁ ଆକୁଳ ନିବେଦନ କରିଛନ୍ତି। ଶ୍ରୀକାନ୍ତଙ୍କ ଚିକିତ୍ସା ନିମନ୍ତେ ଆର୍ଥିକ ସହଯୋଗ ପାଇଁ ପତ୍ନୀ ଗୀତାଞ୍ଜଳିଙ୍କ ଫୋନ୍ ପେ' ନମ୍ବର ୭୭୩୫୭୪୫୫୭୮ ଓ ଷ୍ଟେଟ୍ ବ୍ୟାଙ୍କ ଆକାଉଣ୍ଟ ନମ୍ବର ୩୩୩୦୫୫୯୨୦୨୧(ଆଇଏଫ୍‌ଏସ୍‌ସି କୋଡ୍- ଏସ୍‌ବିଆଇଏନ୍ ୦୦୦୨୧୧୮)ରେ ପ୍ରଦାନ ପାଇଁ ନିବେଦନ କରିଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୩/୪/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୦୫,୦୮୦/- ସୁନା:୧୨.୨୦୦ ଗ୍ରାମ୍ ରୁପା: ୧୧୦.୦୦୦ ଗ୍ରାମ୍





## ଶ୍ରୀକ୍ଷେତ୍ରରେ ସାହିଯାତ

# ଲଙ୍କାପୋଡ଼ିଲେ ହନୁମାନ



ପୁରୀ,୩।୪(ସମିସ): ସୀତାଙ୍କୁ ବିଷାଦରେ ରହିଥାନ୍ତି ପ୍ରଭୁ ଶ୍ରୀରାମ। ସୁଗ୍ରୀବ ସହ ମିତ୍ରତା ପରେ ହନୁମାନଙ୍କ ସହିତ ଶ୍ରୀରାମଙ୍କ ସାକ୍ଷାତ ହୁଏ। ଲଙ୍କାପୁରୀ ଯାଇ ସୀତାଙ୍କ ସନ୍ଧାନ ଲାଗି ହନୁମାନଙ୍କୁ କୁହନ୍ତି ରାମଚନ୍ଦ୍ର। ପ୍ରଭୁଙ୍କ ଶ୍ରୀହସ୍ତ ମୁଦ୍ରିକା ଧରି ଆଜ୍ଞା ପାଇଁ ହନୁମାନ ଲଙ୍କାରେ ପହଞ୍ଚି ସୀତାଙ୍କୁ ଠାବ କରନ୍ତି। ସୀତାଙ୍କଠାରୁ ବିଦାୟ ନେଇ ହନୁମାନ ଉଦ୍ୟାନକୁ ନଷ୍ଟଭ୍ରଷ୍ଟ କରନ୍ତି। ଏହାପରେ ଇନ୍ଦ୍ରଜିତର ଫାଶରେ ଆବଦ୍ଧ ହୋଇଛନ୍ତି। ରାବଣଙ୍କ ସହିତ ହନୁମାନଙ୍କ ସାକ୍ଷାତ ହୋଇଛି। ରାବଣ ଚନ୍ଦ୍ରହାସ ଖଡ଼ଗରେ ହନୁମାନଙ୍କୁ ହାଣିବା ବେଳେ ତାଙ୍କ ଶରୀରରେ ଭେଦ କରିନାହିଁ। ହନୁମାନଙ୍କ ଲାଙ୍ଗୁଡ଼ରେ ନିଆଁ ଲଗାଇଦେବାକୁ ବିଭୀଷଣ ପରାମର୍ଶ ଦିଅନ୍ତି। ରାବଣଙ୍କ ଆଦେଶରେ ହନୁମାନ ଲାଙ୍ଗୁଡ଼ରେ ନିଆଁ ଲଗାଯାଏ। ଏହାପରେ ହନୁମାନ ବିଚରଣ କରି ସ୍ୱର୍ଣ୍ଣପୁରୀ ଲଙ୍କାକୁ ନିମିଷକେ ଜାଳି ଦିଅନ୍ତି। ଶୁକ୍ରବାର ଦୋଳମଣ୍ଡପ ସାହି ପକ୍ଷରୁ ଶ୍ରୀରାମଲୀଳାର ଲଙ୍କାପୋଡ଼ି ପ୍ରସ୍ତାବ ସାହିଯାତ ମାଧ୍ୟମରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ପରିବେଷଣ ହୋଇଛି। ଆଠସାହି ପକ୍ଷରୁ ସାହିଯାତ ମାଧ୍ୟମରେ ପାଳିତ ହେଉଛି ରାମଲୀଳା। ଶନିବାର ଚୈତ୍ର ପୂର୍ଣ୍ଣିମାରେ ସମ୍ପନ୍ନ ହୋଇଛି ଲଙ୍କାପୋଡ଼ି ନୀତି।



ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ଏବଂ ଦକ୍ଷିଣୀ ଘର ଭୋଗ ନୀତି ବଢ଼ିଥିଲା। ମହାଜନ ସେବକ ଦକ୍ଷିଣୀ ଘରୁ ରାମ, ଲକ୍ଷ୍ମଣ ଏବଂ ସୀତାଙ୍କ ଚଳନ୍ତି ପ୍ରତିମାଙ୍କୁ ନେଇ ରତ୍ନସିଂହାସନ ଉପରେ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ମହାଜନ ସେବକ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ବଟବୃକ୍ଷ ମୂଳେ ଥିବା ପାଲିଙ୍କିକୁ ବିଜେ କରାଇଥିଲେ। ବିମାନବଡୁମାନେ ପାଲିଙ୍କିକୁ ଘଣ୍ଟ, ଛତା, କାହାଳୀ ସହିତ ପଟୁଆରରେ ଜଗନ୍ନାଥ ବଲ୍ଲଭକୁ ନେଇଥିଲେ। ଠାକୁରଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଝୁଲଣ ଖଟ ଉପରେ ବିଜେ କରାଯାଇଥିଲା। ଏହାପରେ ମଠର ଆରାଧ ସୁଗ୍ରୀବ ମହାରାଜଙ୍କଠାରୁ ଆଜ୍ଞାମାଳ ବିଜେ ପରେ ଠାକୁରଙ୍କ ନିକଟରେ ଶୀତଳ ଭୋଗ ପନ୍ତି ହୋଇଥିଲା।

### ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟର ଆଲୋଚନାଚକ୍ର

# ଶ୍ରୀଜଗନ୍ନାଥ ହିଁ ସମସ୍ତ ଅବତାରର ମୂଳ ସ୍ରୋତ



ପୁରୀ,୩।୪(ସମିସ): ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ବୁଦ୍ଧମନ୍ଦିର ପରିସରରେ ଶ୍ରୀରାମଚନ୍ଦ୍ର ଓ ଶ୍ରୀଜଗନ୍ନାଥ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷତା କରି ଟ୍ରଷ୍ଟର ଅଧକ୍ଷ ଅଶ୍ୱିନୀ କୁମାର ଦାସ କହିଥିଲେ ଯେ, ଶ୍ରୀରାମ ଓ ଶ୍ରୀଜଗନ୍ନାଥ ହିନ୍ଦୁ ଧର୍ମରେ ଏକ ଓ ଅଭିନ୍ନ ଭାବେ ପୂଜିତ। ଯେଉଁଠାରେ ଜଗନ୍ନାଥ ହେଉଛନ୍ତି ସର୍ବୋଚ୍ଚ ଅବତାରୀ ଏବଂ ଶ୍ରୀରାମ ତାଙ୍କର ସପ୍ତମ ଅଂଶାବତାର। ଶ୍ରୀଜଗନ୍ନାଥ ସଂସ୍କୃତିରେ ରାମଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଭାବେ ଗ୍ରହଣ କରାଯାଇଛି। ମୁଖ୍ୟବକ୍ତା ଭାବେ ସ୍ୱାମୀ ସଚ୍ଚିଦାନନ୍ଦ ଦାସ ମହାରାଜ କହିଥିଲେ ଏକ ଓ ଅଭିନ୍ନ ପୁରାଣ ଅନୁଯାୟୀ ଶ୍ରୀଜଗନ୍ନାଥ ଓ ଶ୍ରୀରାମ ଅଭିନ୍ନ। ଶ୍ରୀଜଗନ୍ନାଥ ହିଁ ସମସ୍ତ ଅବତାରର ମୂଳ ସ୍ରୋତ। ଶ୍ରୀଜଗନ୍ନାଥଙ୍କୁ ବ୍ରହ୍ମାଣ୍ଡର ନାଥ ବୋଲି କୁହାଯାଉଥିବା ବେଳେ ଶ୍ରୀରାମ ହେଉଛନ୍ତି ରାମାୟଣର କେନ୍ଦ୍ରବିନ୍ଦୁ। ମୁଖ୍ୟଅତିଥି ଭାବେ ପ୍ରଫେସର ଶକୁନ୍ତଳା ବଳିୟାରସିଂହ ଯୋଗଦେଇ କହିଲେ, ଶ୍ରୀରାମ ଓ ଶ୍ରୀଜଗନ୍ନାଥ ସମର୍ପଣ ଓ ଭକ୍ତିର ପ୍ରତୀକ। ସମ୍ମାନିତ ଅତିଥି ଭାବେ ସ୍ୱାମୀ ବ୍ରଜ ବାବା, ଡ. ଶାନ୍ତିଲତା ମହାନ୍ତି, ପ୍ରଫେସର ଅଞ୍ଜଳି ତ୍ରିପାଠୀ, ଟ୍ରଷ୍ଟର ବରିଷ୍ଠ ସଦସ୍ୟା ପ୍ରତିଭା ତ୍ରିପାଠୀ, କାର୍ଯ୍ୟକ୍ରମ ସଂଯୋଜିକା ବିଜୟଲକ୍ଷ୍ମୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ। ଏହି ଆଲୋଚନାରେ ଡ. ଆରତୀ କର, ରଙ୍ଗନାଥ ସେଠୀ, ଗୋଲାପ ମଞ୍ଜରୀ ନନ୍ଦ, କୃଷ୍ଣଚନ୍ଦ୍ର ସୁଆର, ରମାକାନ୍ତ ମିଶ୍ର, ମଦନମୋହନ ମହାପାତ୍ର, ମିନତୀ ଷଡ଼ଙ୍ଗୀ, ପୁରୁଷୋତ୍ତମ ନନ୍ଦ, ଇଂ. କେଶବ ଚନ୍ଦ୍ର ପାତ୍ର, ଶଶୀପ୍ରଭା ଦାସ, କାନନବାଳା ପଟ୍ଟନାୟକ, କମଳ କୁମାର ଦାସ, ସୁଲେଖା ସାମନ୍ତରାୟ, ସବିତାରାଣୀ ବେହେରା, ସସ୍ମିତା ରାଉତ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଏହି ଅବସରରେ ଶରତ କୁମାରୀ ମିଶ୍ର, ଅଧିବକ୍ତା ଶେଷଦେବ ମହାରଣା ଓ ବୀଣାପାଣି ଚୌଧୁରୀଙ୍କୁ ଶ୍ରୀଗୁଣ୍ଡିଚା ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ତପନ କୁମାର ସେଠୀ, ସନ୍ଦୀପ କର୍ମକାର। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବୀଣାପାଣି ଚୌଧୁରୀ। ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅବସରରେ ଏକ ଆଧ୍ୟାତ୍ମିକ କବିତା ସମାବେଶ ଅନୁଷ୍ଠିତ ହୋଇଥିଲା।

● ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା

ପୁରୀ,୩।୪(ସମିସ): ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା (ଓଆଇୟୁସି) ୨୦୨୬ରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ସଫଳତା ପାଇଁଛନ୍ତି। ବିଶ୍ୱବିଦ୍ୟାଳୟର ୨୯ ଜଣ ଛାତ୍ରଛାତ୍ରୀ ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇଥିଲା। ଦଳକୁ ଡ. ଦେବାଶିଷ ତ୍ରିପାଠୀ ଓ ଡ. ସସ୍ମିତା ବନ୍ଧର ନାୟକ ନେତୃତ୍ୱ ଦେଇଥିଲେ। ତାଙ୍କର ନେତୃତ୍ୱ ଓ ପ୍ରେରଣାରେ ଛାତ୍ରଛାତ୍ରୀ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ପୂଜାରାଣୀ ସାହୁ ରଚନା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସଂସ୍ଥା ପାଇଁ ଗୌରବ ଆଣିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ଅଂଶଗ୍ରାହୀଙ୍କୁ ଅଭିନନ୍ଦନ ଜଣାଯାଇଥିବା ସହ ଏହି ସଫଳତାକୁ ସଂସ୍ଥାର ଶିକ୍ଷା ଓ ସାଂସ୍କୃତିକ ଉତ୍କର୍ଷର ପ୍ରତୀକ ବୋଲି କୁହାଯାଇଛି।

## ସ୍ୱର୍ଗଦ୍ୱାରରେ ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ ଶେଷକୃତ୍ୟ ସମ୍ପନ୍ନ

ପୁରୀ,୩।୪(ସମିସ): ସ୍ୱର୍ଗଦ୍ୱାରଠାରେ ଓଡ଼ିଶାର ବିଶିଷ୍ଟ ଗାଳ୍ପିକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ସଦାନନ୍ଦ ତ୍ରିପାଠୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର, ସ୍ୱର୍ଗତ ତ୍ରିପାଠୀଙ୍କ ମରଶରୀରରେ ମାଲ୍ୟାର୍ପଣ କରିଥିବା ବେଳେ ମୁଖାଗ୍ନି ଦେଇଥିଲେ ତାଙ୍କ ବଡ଼ ଜ୍ୱାଇଁ ସୁଧାଂଶୁ ତ୍ରିପାଠୀ। ସ୍ୱର୍ଗଦ୍ୱାରଠାରେ ତାଙ୍କର ଦୁଇ ଝିଅ ନିବୃତ୍ତି ରଥ ଓ ନିଷ୍କୃତି ରଥ, ପ୍ରିୟଦତ୍ତ ରଥ, ଶିଶିର ତ୍ରିପାଠୀ, ଶଙ୍ଗର ତ୍ରିପାଠୀ, ଶିଶୁ ସାହିତ୍ୟିକ ପ୍ରକାଶ ଚନ୍ଦ୍ର ଦାସ ଓ ସାହିତ୍ୟିକ ବୈଲୋଚନ ପାଣ୍ଡବଙ୍କ ସହ ଅନେକ କବି ଓ ଗାଳ୍ପିକ ଉପସ୍ଥିତ ଥିଲେ। ସ୍ୱର୍ଗତ ତ୍ରିପାଠୀଙ୍କ ବିୟୋଗରେ ଓଡ଼ିଶା ଜଣେ ବିଶିଷ୍ଟ ଗାଳ୍ପିକଙ୍କୁ ହରାଇଲା ବୋଲି କହିଛନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀର ସମ୍ପାଦକ ଡକ୍ଟର ଚନ୍ଦ୍ରଶେଖର ହୋତା।

## ସିଂହଦ୍ୱାର ସମ୍ମୁଖରେ 'ପୂୟୋଦକମ୍' ପୋଷ୍ଟର ଉନ୍ମୋଚନ



ପୁରୀ,୩।୪(ସମିସ): ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ପୂୟୋଦକମ୍' ମୁକ୍ତିଲାଭ ପୂର୍ବରୁ ଏହା ପୋଷ୍ଟର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଉନ୍ମୋଚନ କରାଯାଇଛି। ଚଳଚ୍ଚିତ୍ରର ଗୀତଗୁଡ଼ିକରେ କାରୁଣ୍ୟମୟ ପାରିବାରିକ ନିର୍ଯାତନା ଓ ମା' ସାରଳାଙ୍କ ଘଟଯାତ୍ରାର ଆଧ୍ୟାତ୍ମିକ ଦୃଶ୍ୟ ସ୍ଥାନ ପାଇଛି। 'ପୂୟୋଦକମ୍' ହେଉଛି 'ଗରୁଡ ପରାଣ'ରୁ ଉଦ୍ଧୃତ ଏକ ଶବ୍ଦ। ପ୍ରତ୍ୟେକ ପାପର ଫଳ ମା'ଙ୍କ ଦ୍ୱାରରେ ମିଳିଥାଏ ବୋଲି ଏଥିରେ ବାର୍ତ୍ତା ଦିଆଯାଇଛି। ଶୁକ୍ରବାର ପ୍ରେକ୍ଷାଳୟରେ ମୁକ୍ତିଲାଭ ପୂର୍ବରୁ ଶ୍ରୀମନ୍ଦିରରେ ପୂଜାର୍ଚ୍ଚନା ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା।

ସାମାଜିକ ଅନ୍ୟାୟ ବିରୁଦ୍ଧରେ ଆଧ୍ୟାତ୍ମିକ ଶକ୍ତିର ଏହି ଅନନ୍ୟ କାହାଣୀକୁ ଦେଖିବା ପାଇଁ ପ୍ରଯୋଜନା ସଂସ୍ଥା ପକ୍ଷରୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି। ଏହି ଚଳଚ୍ଚିତ୍ରରେ ଗୁନଗୁନ୍, ଶ୍ରୀତମ ଦାସ, ଅଭିଷେକ ଗିରି, ଗାର୍ଗୀ ମହାନ୍ତି ଏବଂ ଶୁଭ୍ରାଂଶୁ ପ୍ରମୁଖ ଅଭିନୟ କରିଛନ୍ତି। ଗୁନ୍‌ଗୁନ ଏବଂ ରୀନା ଜେନାଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଶିବ ପ୍ରସାଦ ମହାନ୍ତି। ପୋଷ୍ଟର ଲୋକାର୍ପଣ କାର୍ଯ୍ୟକ୍ରମରେ ଦୁଇ ପ୍ରଯୋଜିକାଙ୍କ ସହିତ କାର୍ଯ୍ୟନିର୍ବାହୀ ପ୍ରଯୋଜକ ନିର୍ମାଲ୍ୟ କୁମାର, ବରିଷ୍ଠ ସେବାୟତ ଗୌରୀଶଙ୍କର ସିଂହାରୀ, ଶଙ୍ଖମିତ୍ର ସିଂହାରୀ, ସଙ୍ଗୀତ ନିର୍ଦ୍ଦେଶକ ବିପିନ ବାରିକ, ନୃତ୍ୟଗୁରୁ ଅଶୋକ କୁମାର ଦାସ, କଣ୍ଠଶିଳ୍ପୀ ରାମକୃଷ୍ଣ ବେହେରା, ଗୁରୁ ସୁରେନ୍ଦ୍ର ନାୟକ, ଚେତନ ଭୂଇଁଆ, ହୃଷିକ ପଟ୍ଟନାୟକ, ଅର୍ପିତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ସାଂସ୍କୃତିକ ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି ଏହାକୁ ପରିଚାଳନା କରିଥିଲେ।

## ୮୮ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ,୩।୪(ସମିସ): ଓମ୍ ଶ୍ରୀ ଶ୍ରୀ ତ୍ରିନାଥ ଦେବାୟ ଟ୍ରାଭେଲ ଏଜେଣ୍ଟ ଆସୋସିଏଶନ୍ ପକ୍ଷରୁ ବାର୍ଷିକ ରକ୍ତଦାନ ଶିବିର ଷ୍ଟେଶନ ପୂଜାମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଆର୍‌ପିଏଫ୍ ଅଧିକାରୀ ହରିଦର୍ଶନ ଶର୍ମା, ଜିଆର୍‌ପି ଥାନାଧିକାରୀ ସନ୍ତୋଷ ବାହିନୀପତି, ସମାଜସେବୀ ଗିରିଶ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଆସୋସିଏଶନର ସଦସ୍ୟ ଏହି ଅବସରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଆସୋସିଏଶନର ସଭାପତି ଅକ୍ଷୟ ପଟ୍ଟନାୟକ, ସମ୍ପାଦକ ଗୋପୀନାଥ ସ୍ୱାଇଁ, ସହ ସମ୍ପାଦକ ଚିତ୍ତରଞ୍ଜନ ସେଠୀ, କୋଷାଧ୍ୟକ୍ଷ ମଧୁସୂଦନ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାନସ ଖଟୋଇ, ମୁକେଶ ସୁନ୍ଦର, ପ୍ରଶାନ୍ତ ନାୟକ, ଅଜିତ୍ ସାହୁ, ରାଜେଶ୍ ସୁନ୍ଦର, ଏମ୍. ଗୋବିନ୍ଦ ରେଡ୍ଡୀ, ସୁକାନ୍ତ ବରାଳ, ପର୍ଶୁରାମ ରେଡ୍ଡୀ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ। ଏଥିରେ ମୋଟ ୮୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

### ଜାତୀୟ କନିଷ୍ଠ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା

## ଓଡ଼ିଶା ଦଳରେ ପୁରୀର ୪ ପ୍ରତିଯୋଗୀ



ପୁରୀ,୩।୪(ସମିସ): ଭାରତୀୟ ମୁଷ୍ଟିଯୁଦ୍ଧ ସଂଘ ଦ୍ୱାରା ଆୟୋଜିତ ହେବାକୁ ଯାଉଛି ସପ୍ତମ ୧୭ ବର୍ଷରୁ କମ୍ କନିଷ୍ଠ ବାଳକ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା। ଏପ୍ରିଲ ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ର ନାଗପୁରସ୍ଥିତ ଡିଭିଜନାଲ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବା ପାଇଁ ରାଜ୍ୟ ଦଳରେ ପୁରୀ ଜିଲ୍ଲାର ୪ ଜଣ ମୁଷ୍ଟିଯୋଦ୍ଧା ସ୍ଥାନ ପାଇଛନ୍ତି। ଶୁକ୍ରବାର ପ୍ରତିଯୋଗୀମାନେ ରେଳଯାତ୍ରା ଆରମ୍ଭ କରିଛନ୍ତି। ପୁରୀରୁ ସାମିଲ ଖେଳାଳିମାନେ ହେଲେ ଆଶିଷ କୁମାର ବେହେରା (୪୪-୪୬ କେଜି), ରୁଦ୍ଧିମାନ ଦାସ (୬୦-୬୩ କେଜି), ମନୋଜ କୁମାର ସାହୁ (୬୩-୬୬ କେଜି) ଓ ଲିକୁ ଖାଁ (୮୦+ କେଜି) ଓଜନ ବର୍ଗରେ ସ୍ଥାନ ପାଇଛନ୍ତି। ସମସ୍ତ ପ୍ରତିଯୋଗୀ ପୁରୀ ବକ୍ସିଂ ଏକାଡେମୀର ଛାତ୍ର ଅଟନ୍ତି। ଗତ ମାର୍ଚ୍ଚ ୨୫ ଓ ୨୬ ତାରିଖ ଦୁଇଦିନ ଧରି ରାଉରକେଲାଠାରେ ରାଜ୍ୟ ଦଳ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ ଏହି ଖେଳାଳୀମାନେ ଭଲ ପଦର୍ଶନ କରି ରାଜ୍ୟ ଦଳରେ ସ୍ଥାନିତ ହୋଇଛନ୍ତି। ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ରାଜ୍ୟ ଅଲମ୍ପିକ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ରାମ ଦାସ ମହାପାତ୍ର, ଅନୀଲ ଗୋଚ୍ଛିକାର, ବିନୋଦ ସିଂ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ବିଶ୍ୱଭୂଷଣ ପଣ୍ଡା, ସଞ୍ଜୟ କୁମାର ଅଗ୍ରୱାଲ, ପ୍ରଦୀପ ଦାସ ଓ ପୁରୀ ବକ୍ସିଂ ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁ ପ୍ରମୁଖ ଖେଳାଳିଙ୍କ ସଫଳତା କାମନା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

● ହୋଟେଲ୍ ଉପରକୁ ବୋମାମାଡ ଘଟଣା

## ଫେରାର୍ ଅଭିଯୁକ୍ତ ଗିରଫ

ପୁରୀ,୩।୪(ସମିସ): ପୁରୀ ସହରକୁ ଅପରାଧମୁକ୍ତ କରିବା ପାଇଁ ଜାରି ରହିଛି 'ଅପରେଶନ ଚକ୍ର'। ବିଭିନ୍ନ ସମୟରେ ପୁଲିସ ବଡ଼ ବଡ଼ ଦୁର୍ବୃତ୍ତଙ୍କୁ କାବୁ କରୁଛି। ସେହିପରି ବିଭିନ୍ନ ଅପରାଧମୂଳକ ଘଟଣାରେ ସମ୍ପୃକ୍ତ ଥାଇ ଫେରାର୍ ଥିବା ଅଭିଯୁକ୍ତଙ୍କୁ ଧରିବା ଲାଗି ପୁଲିସ ବିଶେଷ ଗୁରୁତ୍ୱ ଦେଇ କାମ କରୁଛି। ଏହିକ୍ରମରେ ବଳିଆପଣ୍ଡା ଥାନା ପୁଲିସକୁ ମିଳିଛି ବିଶେଷ ସଫଳତା। ଦାଦାବଟି ପାଇଁ ଏକ ହୋଟେଲ ଉପରକୁ ବୋମାମାଡ଼ କରି ଫେରାର୍ ଥିବା ଅଭିଯୁକ୍ତ ବାବୁନି ଓରଫ୍ ସୁରେନ୍ଦ୍ର ନାୟକକୁ ଗିରଫ କରାଯାଇଛି ବୋଲି ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ୍ ସିଂ। ସେ କହିଛନ୍ତି, ପୂର୍ବରୁ ଏହି ଘଟଣାରେ ତାଳବଣିଆ ଥାନା ଅନ୍ତର୍ଗତ ଅଟାକଲ ଲେନ୍‌ର ବିଶାଳ ପାତ୍ର, ବଳିଆପଣ୍ଡା ଅଞ୍ଚଳର ପିଣ୍ଟୁ ଓରଫ୍ ସମୀର ସାମନ୍ତରାୟ, ଟିମା ଓରଫ୍ ସଞ୍ଜୟ ସରକାର, ଡେଲାଙ୍ଗ ଥାନା ଅନ୍ତର୍ଗତ ଗଡକାଲୁପଡାର ପ୍ରିୟବ୍ରତ ଜେନା, ଧାନକୁଟି ସାହିର ପପୁ ବରାଳ ଓରଫ୍ ଧୀରେନ୍ଦ୍ରନାଥ ବରାଳ ଏବଂ ବଳିଆପଣ୍ଡାର ଶଙ୍କର ଓରଫ୍ ଶଙ୍କର୍ଷଣ ସାହୁଙ୍କୁ ଗିରଫ କରାଯାଇଥିଲା। ଗତ ଫେବୃୟାରୀ ୧୦ତାରିଖ ରାତିରେ ବଳିଆପଣ୍ଡା ଥାନା ଅନ୍ତର୍ଗତ ଲାଇଟ୍ ହାଉସ୍ ନିକଟରେ ଥିବା ହୋଟେଲ୍ ସ୍ୱପ୍ନା ଇନ ଉପରକୁ ଦୁର୍ବୃତ୍ତମାନେ ବୋମା ମାଡ଼ କରି ଫେରାର ହୋଇଯାଇଥିଲେ। ଏ ନେଇ ବଳିଆପଣ୍ଡା ଥାନାରେ ଶିବୁନା ପଲେଇ ଏକ ଲିଖିତ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ପୁରୀ ଏସ୍‌ପି, ସିଟି ଡିଏସ୍‌ପି, ବଳିଆପଣ୍ଡା ଥାନା ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ବ୍ୟବସାୟିକ ଶତ୍ରୁତା ଏବଂ ଦାଦାବଟି ଆଦାୟକୁ ନେଇ ଦୁର୍ବୃତ୍ତମାନେ ଏହି ବୋମାମାଡ କରିଥିବା ଏସ୍‌ପି ଶ୍ରୀ ସିଂ କହିଛନ୍ତି।



### ଫି' ଉପରେ ଲଗାମ ନାହିଁ

# ଅଭିଭାବକଙ୍କୁ ଚିପୁଡ଼ୁଛନ୍ତି ଘରୋଇ ସ୍କୁଲ

ପୁରୀ,୩।୪(ସମିସ)

ଶିକ୍ଷା ପ୍ରଦାନ ନାଁରେ ଚାଲିଛି ବେପାର। ଫି' ଆଳରେ ଘରୋଇ ବିଦ୍ୟାଳୟଗୁଡ଼ିକ ଶୋଷଣ କରୁଛନ୍ତି। ସରକାରଙ୍କର ଯେମିତି ସେମାନଙ୍କ ଉପରେ କୌଣସି ଲଗାମ ନାହିଁ। ମନଇଚ୍ଛା ଯେତେବେଳେ ଯାହା ଚାହିଁବେ ତାହା କରିବେ। କିନ୍ତୁ ଅଭିଭାବକମାନେ ପାଟି ଖୋଲିପାରିବେ ନାହିଁ। କାରଣ ପ୍ରତିବାଦ କଲେ ତାଙ୍କ ପିଲା ଟାର୍ଗେଟକୁ ଆସିଯିବେ। ଆଉ ଏହାର ସୁଯୋଗ ନେଇ ମନମାନୀ ଚଳାଇଛନ୍ତି ଘରୋଇ ବିଦ୍ୟାଳୟଗୁଡ଼ିକ। ଫି' ନାଁରେ ଅଭିଭାବକଙ୍କୁ ଚିପୁଡ଼ୁଛନ୍ତି। ପ୍ରତ୍ୟେକ ଅଭିଭାବକଙ୍କ ଭିତରେ ଏହାକୁ ନେଇ ଅସନ୍ତୋଷ ଥିଲେ ମଧ୍ୟ କେହି ପାଟି ଖୋଲିବାକୁ ସାହସ କରିପାରୁନାହାନ୍ତି। ତେବେ ଏଭଳି ଏକ ବାସ୍ତବ ଚିତ୍ରକୁ ସାମ୍ନାକୁ ଆଣିଛି ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଘରୋଇ ବିଦ୍ୟାଳୟଗୁଡ଼ିକ ଫି' ଆଳରେ କିପରି ଶୋଷଣ କରୁଛନ୍ତି ତାହାର ତଥ୍ୟ ରଖିବା ସହ ସରକାର ଏ ଦିଗରେ ବିହୀତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି।

ଶିକ୍ଷାକୁ ନେଇ ଆଜି ପ୍ରତ୍ୟେକ ଅଭିଭାବକ ବେଶ୍ ସଚେତନ। ତାଙ୍କ ପରିବାର ଅସୁବିଧାରେ ଚଳୁଥାନ୍ତୁ ପଛେ କିନ୍ତୁ ପିଲାକୁ କିପରି ଭଲ ସ୍କୁଲରେ ପାଠ ପଢାଇବେ ଏବଂ ଘରେଇ ଟ୍ୟୁଶନ ସୁବିଦା ଯୋଗାଇଦେବେ ସେଥିରେ ହେଳା କରନ୍ତି ନାହିଁ। ସେହିପରି ଆଜିକାଲି ସମସ୍ତେ ତାଙ୍କ ପିଲାଙ୍କୁ ଘରୋଇ ସ୍କୁଲରେ ପଢାଇବା ଏକପ୍ରକାର ଟ୍ରେଣ୍ଡ ହୋଇଗଲାଣି। ଅଭିଭାବକଙ୍କର ଏହି ମାନସିକତାର ଫାଇଦା ନେବାକୁ ଚାହିଁ ବସିଛନ୍ତି ଘରୋଇ ସ୍କୁଲ କର୍ତ୍ତୃପକ୍ଷ। ପୁରୀ ସହରରେ ଶତାଧିକ ଘରୋଇ ସ୍କୁଲ ରହିଛି। ଏହା ନିଶ୍ଚିତ ଏକ ଖୁସିର କଥା। ହାତପାହାନ୍ତାରେ ମିଳିପାରୁଛି ଶିକ୍ଷା ସୁବିଧା। ହେଲେ ଏହା ପ୍ରଚ୍ଛଦ ପଟରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ଯେଉଁ ଶୋଷଣ ମାନସିକତାର ଲୁଚିରହିଛି ତାହା ଏବେ ଅସମ୍ଭାଳ ହୋଇପଡିଲାଣି। ଆଡମିଶନ, ରି ଆଡମିଶନ, ମାସିକ ଟ୍ୟୁଶନ ଫି' ସମେତ ବିଭିନ୍ନ ଉପାୟରେ ଏକପ୍ରକାର ଶୋଷଣ କରୁଛନ୍ତି। କେବଳ ଏତିକି ନୁହେଁ ପିଲା ସ୍କୁଲ ପୋଷାକ, ବହିଖାତା ବିକ୍ରିରେ ମଧ୍ୟ ମନମାନୀ କରୁଛନ୍ତି ସ୍କୁଲ କର୍ତ୍ତୃପକ୍ଷ। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ଶୋଷଣ ମନୋବୃତ୍ତିରୁ ଦୂରେଇବା ପାଇଁ କହିଛନ୍ତି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି।

ସେ କହିଛନ୍ତି, ପୁରୀ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ଏକପ୍ରକାର ଭୁଶୁଡିପଡ଼ିଲାଣି। ପାଠପଢା ହେଉ କି ନ ହେଉ କିନ୍ତୁ ସ୍କୁଲ ଫି ଲଗାତାର ବଢ଼ିବାରେ ଲାଗିଛି। ସରକାରୀ ବିଦ୍ୟାଳୟକୁ ସରକାର ଅଣଦେଖା କରୁଥିବାରୁ ପ୍ରତ୍ୟେକ ବାପା ମା' ନିଜ ପିଲାୁ ଘରୋଇ ସ୍କୁଲରେ ପଢାଉଛନ୍ତି। କିନ୍ତୁ ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଭାବକଙ୍କୁ ଶୋଷଣ କରିଚାଲିଛନ୍ତି। ଶ୍ରୀ ମହାନ୍ତି, ଗୋଟିଏ ସ୍କୁଲ ଡିଏଭିର ଉଦାହରଣ କହିଛନ୍ତି ଯେ, ଅଚାନକ ବିଦ୍ୟାଳୟ ପକ୍ଷରୁ ମାସିକ ଫି' ବୃଦ୍ଧି ନେଇ ନୋଟିସ୍ ଜାରି କରାଯାଇଛି। ଏକାଥରକେ ୪୦୦ରୁ ୫୦୦ ଟଙ୍କା ବଢାଇ ଦିଆଯାଇଛି। ଯଦି କୌଣସି ଅଭିଭାବକ ଧାର୍ଯ୍ୟ ତାରିଖ ଭିତରେ ଫି' ନ ଦେଇପାରନ୍ତି ତାଙ୍କଠାରୁ ଫାଇନ ବି ଆଦାୟ କରାଯିବ।

ଏମିତି ବି ମାସିକ ଫି' ବହୁତ ଅଧିକ ନେଉଛନ୍ତି ଘରୋଇ ବିଦ୍ୟାଳୟ। କେଜି ପିଲାଙ୍କର ୩,୨୯୦, ପ୍ରଥମରୁ ପଞ୍ଚମ ପାଇଁ ୩,୬୦୦, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପାଇଁ ୩,୬୯୫, ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ମାସିକ ଫି' ରହିଛି ୩,୮୧୦ ଟଙ୍କା। ଏମିତି ଦେଖିବାକୁ ଗଲେ ପ୍ରାୟ ପ୍ରତ୍ୟେକ ଘରୋଇ ବିଦ୍ୟାଳୟର ମାସିକ ଫି' କେଉଁଠି ୨ ହଜାର ତ ପୁଣି କେଉଁଠି ୩ ହଜାର ଟଙ୍କା ରହିଛି। ସେହିପରି ରି ଆଡମିଶନ ପାଇଁ ବି ଟଙ୍କା ଗଣିବାକୁ ପଡୁଛି। ଏତଦ୍‌ବ୍ୟତୀତ କେତେକ ବିଦ୍ୟାଳୟ ନିଜେ ବହିଖାତା, ପୋଷାକ ଆଦି ବିକ୍ରି କରୁଛନ୍ତି। ଏସବୁର ମୂଲ୍ୟ ସାଧାରଣ ବଜାର ଅପେକ୍ଷା ଅଧିକ ରହୁଛି। ହେଲେ ଅଭିଭାବକମାନେ ପାଟି ଖୋଲିବାକୁ ସାହସ କରୁନାହାନ୍ତି। କାରଣ ଯଦି ବି କେହି ପ୍ରଶ୍ନ ଉଠାନ୍ତି କର୍ତ୍ତୃପକ୍ଷ ତାଙ୍କ ପିଲାଙ୍କୁ ଟାର୍ଗେଟ କରି ହଇରାଣ କରିବାର ନଜିର ରହିଛି। ତେଣୁ ପ୍ରତ୍ୟେକ ବାପା ମା' ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଏଭଳି ଶୋଷଣକୁ ମୁଣ୍ଡପାତି ସହିଯିବାକୁ ବାଧ ହେଉଛନ୍ତି। ହେଲେ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତ୍ୟେକ ଅଭିଭାବକଙ୍କ ପକେଟରେ ଯେ ପଇସା ଅଛି ତାହା କେବେ ବୁଝିବାକୁ ଚେଷ୍ଟା କରିନାହାନ୍ତି। ଶିକ୍ଷା ଅଧିକାର ଆଇନକୁ ବିଭିନ୍ନ ବାଟରେ ମଧ୍ୟ ଏଡାଇ ଯାଉଛନ୍ତି ଅନେକ ସ୍କୁଲ। ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କାହିଁକି ଏପରି ଜୁଲମ୍ ବୋଲି ପ୍ରଶ୍ନ କରିଛନ୍ତି ସଞ୍ଜୀବ। ସବୁଠୁ ବଡ଼ କଥା ହେଉଛି ଜିଲ୍ଲା ଶିକ୍ଷାଧିକାରୀଙ୍କ ପାଖରେ ଘରୋଇ ବିଦ୍ୟାଳୟ ଗୁଡ଼ିକର ମାସିକ ଫି' ବିଷୟରେ ଧାରଣା ଅଛି କି ନାହିଁ ତାହା ବି ସନ୍ଦେହ। ଏ ବିଷୟରେ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଟୁଇଟ୍ କରିଛୁ। ଏ ବିଷୟରେ ଯଦି ସରକାର କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଆପ୍ ରାଜରାସ୍ତାକୁ ଓହ୍ଲାଇବ ବୋଲି ଜିଲ୍ଲା ସଭାପତି ଚେତାବନୀ ଦେଇଛନ୍ତି।

## ବାଣ ବିସ୍ଫୋରଣ ଘଟଣାରେ ତତ୍ପରତା ଦେଖାଇଲା ପୁଲିସ

# ୪ ଲକ୍ଷ ଟଙ୍କାର ବାଣ ଜବତ; ୫ ଗିରଫ





ନୟାଗଡ଼,୩।୪(ସମିସ)

ନୟାଗଡ଼ ଜିଲ୍ଲା ନୂଆଗାଁରେ ବାଣ ବିସ୍ଫୋରଣ ପରେ ଜିଲ୍ଲା ପୁଲିସ ତତ୍ପରତା ଦେଖାଇଛି। ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ବେଆଇନ ବାଣ ତିଆରି କରାଯାଉଥିବା ଗାଁ ଗୁଡ଼ିକରେ ଚଢ଼ଉ କରାଯାଇଛି। ଏହି ଚଢ଼ଉରେ ଇଟାମାଟି ଓ ସଦର ଥାନା ପୁଲିସକୁ ବେଶ୍ ସଫଳତା ମିଳିଛି। ଦୁଇଟି ଥାନା ଅଧୀନରେ ୪ ଲକ୍ଷ ଟଙ୍କାର ବାଣ ଜବତ କରାଯାଇଥିବା ବେଳେ ୫ ଜଣଙ୍କୁ ଗିରଫ କରାଯାଇଛି ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତି ରଞ୍ଜନ ସାମନ୍ତରାୟ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ପୂର୍ବରୁ ଅପରେସନ ଅଗ୍ନି ସମୟରେ ମଧ୍ୟ ପୁଲିସ ବେଆଇନ ବାଣ ତିଆରି କରାଯାଉଥିବା ଅଞ୍ଚଳରେ ଜୋରଦାର ଚଢ଼ଉ କରିଥିଲା। ସେଥିରେ ପୁଲିସକୁ ବେଶ୍ ସଫଳତା ମିଳିଥିଲା। ମାତ୍ର ଆଜି ଏସପି ଏସ.ସୁଶ୍ରୀଙ୍କ ନିର୍ଦ୍ଦେଶ ମୁତାବକ, ନୟାଗଡ଼ ସହର ଏହାର ଉପକଣ୍ଠ ଅଞ୍ଚଳରେ ପୁଲିସ ଚଢ଼ଉ କରିଥିଲା। ଇଟାମାଟି ଥାନା ପୁଲିସ ତନ୍ତିସାହିରେ ଚଢ଼ଉ କରି ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୀଳମାଧବ ସେନାପତି (୪୨), ରାମଚନ୍ଦ୍ର ସାହୁ (୬୫), ପ୍ରକାଶ ସାହୁ (୬୨), କୁମାର ବାଇ (୫୦)। ସେମାନଙ୍କଠାରୁ ଜବତ ହୋଇଥିବା ବାଣର ମୂଲ୍ୟ ୧.୫ ଲକ୍ଷ ଟଙ୍କା ହେବ। ସେହିପରି ସଦର ଥାନା ପୁଲିସ ପଲ୍ଲୀ ଶାସନରେ ଚଢ଼ଉ କରି ଜଣଙ୍କୁ ଗିରଫ କରିଛି। ସେ ହେଲେ ଲଡୁକିଶୋର ଭଟ୍ଟ ବ୍ରହ୍ମା (୬୮)। ତାଙ୍କ ନିକଟରୁ ଅଢ଼େଇ ଲକ୍ଷ ଟଙ୍କାର ବାଣ ଜବତ କରାଯାଇଛି। ଗିରଫ ହୋଇଥିବା ଏହି ବ୍ୟକ୍ତିମାନଙ୍କ ନାଁରେ ପୂର୍ବରୁ ମଧ୍ୟ ବେଆଇନ ବାଣ ତିଆରି କରାଯାଇଥିବା ନେଇ ମାମଲା ରହିଛି। ତଥାପି ପୁଲିସ ଏ ଦିଗରେ ଅଧିକ ତଦନ୍ତ ଚଳାଇଛି। ବର୍ତ୍ତମାନ ବାଣ ତିଆରି ପାଇଁ ଆବଶ୍ୟକ ପଡୁଥିବା ସରଞ୍ଜାମ ସେମାନେ କେଉଁଠୁ ଆଣୁଥିଲେ ଓ ବାଣ କେଉଁଆଡ଼େ ଯୋଗାଉଥିଲେ, ଏହାର ତଦନ୍ତ ଚାଲିଛି। ଯେଉଁମାନଙ୍କର ବି ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତି ଥିବା ପ୍ରମାଣ ମିଳିବ, ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଦର ଥାନା ଇନ୍‌ସିପେକ୍ଟର ପ୍ରିୟତମା ପ୍ରଧାନ ଓ ଇଟାମାଟି ଥାନା ଇନସପେକ୍ଟର ପ୍ରିୟବ୍ରତ ରାଉତଙ୍କ ସମେତ ଚଢ଼ଉ କରିଥିବା ଅନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବାଣ ବିସ୍ଫୋରଣରେ ଥରିଲା କୋରଡ଼ା ଗାଁ
## ଥାନାରେ ଅଭିଯୋଗ କଲେ ଗ୍ରାମବାସୀ, ୨ ଅଟକ



ନୟାଗଡ଼: ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା କୋରଡ଼ା ଗ୍ରାମରେ ବାଣ ବିସ୍ଫୋରଣ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛନ୍ତି। ଦୀର୍ଘଦିନ ଧରି ହାଡ଼ିବନ୍ଧୁ ସେଠୀଙ୍କ ପରିବାର ବାଣ ପ୍ରସ୍ତୁତ କରି ଆସୁଥିଲେ। ବାଣ ପ୍ରସ୍ତୁତି କଥା ସ୍ଥାନୀୟ ଲୋକଙ୍କ ସମେତ ନୂଆଗାଁ ଥାନା ପୁଲିସ ମଧ୍ୟ ଅବଗତ ରହିଥିଲେ। ନୂଆଗାଁ ଥାନା ପୁଲିସ ପୂର୍ବରୁ ହାଡ଼ିବନ୍ଧୁଙ୍କୁ ଗିରଫ କରିଥିବା ନେଇ ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି। ତଥାପି ହାଡ଼ିବନ୍ଧୁ ବାଣ ନିର୍ମାଣ କରିବା ଉପରେ ପୁଲିସ କିଭଳି ରୋକ ଲଗାଇ ନଥିଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ଶୋକାକୂଳ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସଙ୍କଟାପନ୍ନ ରହିଥିବା ୫ ଜଣଙ୍କ ଅବସ୍ଥା ବେଳକୁବେଳ ଜଟିଳ ହେଉଥିବା ସୂଚନା ମିଳିଛି। ଏହି ଘଟଣାକୁ ନେଇ କୋରଡ଼ା ଗ୍ରାମବାସୀ ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଦୁଇ ଜଣଙ୍କୁ ଅଟକ ରଖି ଛାନଭିନ ଚଳାଇଛି। ଅଟକ ଦୁଇଜଣ ହେଲେ ହାଡ଼ିବନ୍ଧୁଙ୍କ ପତ୍ନୀ କୁନି ଦେଇ ଓ ରମେଶ ସେଠୀ। ଏହି ଘଟଣାକୁ ନେଇ ପୁଲିସ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି।



### ଓଡଗାଁ ଶ୍ରୀରାମ ନବମୀ ଯାତ୍ରାର ୭ମ ସନ୍ଧ୍ୟା
## ଚିତ୍ରକୂଟରେ ବନବାସୀ ଶ୍ରୀରାମଙ୍କ ବିଶ୍ରାମ ବେଶ ଦର୍ଶନ

ଓଡ଼ଗାଁ,୩।୪(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ସ୍ୱର୍ଣ୍ଣ କଳସ କ୍ଷେତ୍ର ଅଧିପତି ଶ୍ରୀରଘୁନାଥଜିଉଙ୍କ ଶ୍ରୀରାମ ନବମୀ ଯାତ୍ରାର ସପ୍ତମ ସନ୍ଧ୍ୟାରେ ବନବାସୀ ଶ୍ରୀରାମଙ୍କ ଚିତ୍ରକୂଟ ପର୍ବତରେ ବିଶ୍ରାମ ନେବାର ମନୋହର ବେଶ ଦର୍ଶନ କରି ଶ୍ରଦ୍ଧାଳୁମାନେ ଭାବବିହ୍ୱଳ ହୋଇପଡ଼ିଥିଲେ। ପିତୃବାକ୍ୟ ପାଳନ କରି ଭାଇ ଲକ୍ଷ୍ମଣ ଓ ଭାର୍ଯ୍ୟା ସୀତାଙ୍କ ସହ ବନବାସକୁ ଯାଇଥିବା ବେଳେ କ୍ଳାନ୍ତ ଶ୍ରୀରାମ ମା' ସୀତାଙ୍କୁ କୋଳରେ ଧରି ବିଶ୍ରାମ ନେଉଥିବା ଦୃଶ୍ୟ ଭକ୍ତମଣ୍ଡଳୀଙ୍କୁ ଆକର୍ଷିତ କରିଥିଲା। ଅନୁଜ ଲକ୍ଷ୍ମଣ ଆହାର-ନିଦ୍ରା ପରିତ୍ୟାଗ କରି ସୁରକ୍ଷାରେ ନିୟୋଜିତ ଥିବା ମଧ୍ୟ ଦର୍ଶକମାନଙ୍କ ମନକୁ ଛୁଇଁଥିଲା। ଏହି ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ଥିଲା ଭରତଙ୍କ ଚିତ୍ରକୂଟ ଆଗମନ। ଅଯୋଧ୍ୟାକୁ



ଫେରିଥିବା ଭରତ ମା' କୈକେୟୀଙ୍କୁ ଭର୍ତ୍ସନା କରି ତୁରନ୍ତ ରାମଚନ୍ଦ୍ରଙ୍କୁ ଫେରାଇ ନେବା ପାଇଁ ନଗରବାସୀଙ୍କ ସହ ଚିତ୍ରକୂଟରେ ପହଞ୍ଚିଥିଲେ। ବହୁ ଅନୁନୟ ବିନୟ ସତ୍ତ୍ୱେ ମଧ୍ୟ ଶ୍ରୀରାମ ଅଯୋଧ୍ୟାକୁ ଫେରିବାକୁ ମନା କରିଥିବା ବେଳେ ଭରତଙ୍କ ଭକ୍ତିକୁ ସମ୍ମାନ ଦେଇ ନିଜ ପାଦୁକା ପ୍ରଦାନ କରିଥିଲେ। ଭରତ ପାଦୁକାକୁ ମସ୍ତକରେ ଧାରଣ କରି ନନ୍ଦୀଗ୍ରାମରେ ସ୍ଥାପନା କରି ନିଜକୁ ବନବାସୀ ଭାବେ ରଖି ରାମଙ୍କ ପ୍ରତିନିଧି ଭାବେ ରାଜ୍ୟ ପାଳନ କରିଥିବା ଦୃଶ୍ୟ ଉପସ୍ଥାପିତ ହୋଇଥିଲା। ଭାଇଚାରା ଓ ତ୍ୟାଗର ଏହି ଅଦ୍ୱିତୀୟ ଦୃଶ୍ୟ ସମାଜ ପାଇଁ ପ୍ରେରଣାଦାୟକ ବୋଲି ଉପସ୍ଥିତମାନେ ମତ ପ୍ରକାଶ କରିଥିଲେ। ମନ୍ଦିର ପରିଛା ହରିବନ୍ଧୁ ଷଡ଼ଙ୍ଗୀ, ପାଳିଆ ପଣ୍ଡା, ସୁଆର ସେବକ ଓ ପରିଚାଳକଙ୍କ ଦ୍ୱାରା ସମସ୍ତ ନୀତିକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଆଦର୍ଶ ଥାନା ଆଇଆଇସିଙ୍କ ତତ୍ତ୍ୱାବଧାନରେ ଆଇନ-ଶୃଙ୍ଖଳା ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯାଇଛି।

## ଖୋଲୁନି ଜଳଛତ୍ର; ହନ୍ତସନ୍ତ ଜନତ

ଗଣିଆ,୩।୪(ସମିସ): ଖରର ପ୍ରକୋପ ଦିନକୁ ଦିନ ବଢିବାରେ ଲାଗିଛି। ଏପ୍ରିଲ ମାସ ଆରମ୍ଭରୁ ତାପମାତ୍ରା ୪୦ ଛୁଇଁଲାଣି। ଦିନ ୧୧ଟା ପରେ ଘରୁ ବାହାରକୁ ବାହାରିବା ଅସମ୍ଭବ ହୋଇ ପଡୁଛି। ତାପମାତ୍ରା ବଢ଼ିବା ଯୋଗୁଁ ଜଳସ୍ତର କମିବାରେ ଲାଗିଛି। ଧୀରେ ଧୀରେ ପାନୀୟ ଜଳ ଉତ୍କଟ ହେବାରେ ଲାଗିଛି। ଆଗକୁ ଖରାର ପ୍ରକୋପ ତୀବ୍ର ହେବାକୁ ଥିବାବେଳେ ଗଣିଆ ବ୍ଲକରେ ଏବେଠୁ ଜଳସଙ୍କଟ ଦେଖାଦେଲାଣି। ଷ୍ଟାଣ୍ଡପୋଷ୍ଟରେ ପାଣି କମ୍ ଆସୁଥିବାରୁ ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ପଡୁଛି। ଜଳ ପ୍ରକଳ୍ପ ଗୁଡ଼ିକରେ ଜଳସ୍ତର କମିବାରୁ ଜଳସଙ୍କଟ ଦେଖା ଦେଲାଣି। ପ୍ରତି ପଞ୍ଚାୟତରେ ଜଳଛତ୍ର ଖୋଲିବା ପାଇଁ ସରକାରୀ ନିର୍ଦ୍ଦେଶନାମା ଥିଲେ ମଧ୍ୟ ଗୋଟିଏ ବି ପଞ୍ଚାୟତରେ ଜଳଛତ୍ର ଖୋଲିନାହିଁ। ଗଣିଆ ବଜାରକୁ ପ୍ରତିଦିନ ଶହ ଶହ ଗାଡ଼ି ମୋଟର ଆସୁଥିବାବେଳେ ଯାତ୍ରୀମାନେ ପାଣି ଟୋପେ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲସି ଓ ଥଣ୍ଡା ପାନୀୟ ଦୋକାନରେ ଗହଳି ଦେଖିବାକୁ ମିଳୁଛି କିନ୍ତୁ ଗରୀବ ଶ୍ରେଣୀର ତୃଷାର୍ତ୍ତ ପକ୍ଷେ ସେସବୁ କିଣିବା ସମର୍ଥ ନୁହେଁ। ବ୍ଲକ ମୁଖ୍ୟାଳୟକୁ ବ୍ଲକ ସାରା ଲୋକେ ଆସୁଥିବା ବେଳେ ଜଳ ଟୋପେ ପାଇଁ ଅନେକ ଅସୁବିଧା ଭୋଗୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ତରଫରୁ ଦାବି ହେଉଛି।

## ଦୁର୍ଘଟଣାରେ ବାଇକ୍‌ଆରୋହୀ ମୃତ

ଗଣିଆ,୩।୪(ସମିସ): ଗଣିଆ ଥାନା ଗଣିଆ-ଦଶପଲ୍ଲା ରାସ୍ତାର ହୋଟେଲ ମାଉଣ୍ଟେନ ଭ୍ୟୁ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ଜଣକ ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ବିଜିଗୋଳ ଗ୍ରାମର ପଞ୍ଚାନନ ଭୂୟାଁ ବୋଲି ତାଙ୍କ ପକେଟରେ ଥିବା ସ୍ୱାସ୍ଥ୍ୟ କାର୍ଡରୁ ଜଣାପଡ଼ିଛି। ଦୁର୍ଘଟଣା ଘଟିଥିବା ସ୍ଥାନରେ ବ୍ୟକ୍ତି ଜଣକ ପଡ଼ି ଛଟପଟ ହେଉଥିବାବେଳେ ତାଙ୍କ ଡାହାଣ ଗୋଡ଼ଟି ସମ୍ପୂର୍ଣ୍ଣ ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା। ଘଟଣାସ୍ଥଳରେ ଗଣିଆ ଥାନା ଏଏସଆଇ ଶାହା ଆଲାମ ଖାଁ ପହଞ୍ଚି ସ୍ଥାନୀୟ ଯୁବକଙ୍କ ସହାୟତାରେ ଉକ୍ତ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଗଣିଆ ଥାନା ଗାଡିରେ ମେଡ଼ିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି। ତେବେ ପରିବାର ବର୍ଗଙ୍କ ସହିତ ଥାନା ତରଫରୁ ଯୋଗାଯୋଗ କରାଯାଉଥିବା ବେଳେ ଦୁର୍ଘଟଣା ଘଟାଇଥିବା ଗାଡ଼ିର ପତ୍ତା ମିଳିନାହିଁ। ମୃତକଙ୍କ ବାଇକ୍‌କୁ ପୁଲିସ ଜବତ କରି ଗଣିଆ ଥାନାକୁ ଆଣିଛି। ମୃତକଙ୍କ ଘର ଅନୁଗୁଳ ଜିଲ୍ଲାରେ ହୋଇଥିବା ବେଳେ ସେ ଏଠାକୁ କାହିଁକି



ଆସିଥିଲେ ସେ ସମ୍ପର୍କରେ ପୋଲିସ ପଚରାଉଚରା କରୁଛି। ତେବେ ଗଣିଆରେ ଥିବା ଗୋପାଳପ୍ରସାଦ ବୁଲାଣି ଏବଂ ଗଣିଆ -ଦଶପଲ୍ଲା ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ପ୍ରଶାସନ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ସୁର୍କାବାଡ଼ିରେ ପଞ୍ଚଦଣ୍ଡ ବାନାମ୍ବର ଠାକୁରଙ୍କ ବନ୍ଦାଣ ଓ ମିଳନ

ରଣପୁର,୩।୪(ସମିସ): ନୟାଗଡ଼ ଜିଲ୍ଲା ରଣପୁର ଅଞ୍ଚଳରେ ଚୈତ୍ର ମାସରେ ଦଣ୍ଡ ଠାକୁରଙ୍କ ଆର୍ବିଭାବ ଘଟିଥାଏ। ମାନସିକଧାରୀ ଶ୍ରଦ୍ଧାଳୁମାନେ ନିଜର ମାନସିକ ପୂରଣ ପରେ



ହୋଇଥିବା ଜଣାପଡ଼ିଛି। ଏଥିରେ ସୁର୍କାବାଡ଼ି, ରାଜସୁନାଖଲା, ବୋଲଗଡ଼, ଗୋଡ଼ିପଡ଼ା, କଙ୍କିଆ ଦଣ୍ଡ ଠାକୁରଙ୍କୁ ନିମନ୍ତ୍ରଣ ସହ ବନ୍ଦାଣ କରାଯାଇଥିଲା। ଏହି ପାଞ୍ଚ ଦଣ୍ଡ ଠାକୁରଙ୍କ ମିଳନର ଅପୂର୍ବ ଦଣ୍ଡ ଠାକୁରଙ୍କୁ ଏକାଠି କରି ବନ୍ଦାଣ ଓ ମେଳନ କରିଥାନ୍ତି। ସୁର୍କାବାଡ଼ି ଭୀମସେନ ବାରିକଙ୍କ ଦ୍ୱାରରେ ଆଜି ପଞ୍ଚ ଦଣ୍ଡ ଠାକୁର ମେଳନ ଆଜି ସନ୍ଧ୍ୟାରେ ଦୃଶ୍ୟ ଉପସ୍ଥିତ ଭକ୍ତଙ୍କୁ ବିମୋହିତ କରିଥିଲା। ଶହ ଶହ ଭକ୍ତ, ଭକ୍ତା ପଞ୍ଚ ଦଣ୍ଡର ଦର୍ଶନ କରି ଆର୍ଶୀବାଦ ଲାଭ କରିଥିବା ଜଣାପଡ଼ିଛି।

## ହୃଦ୍‌ଘାତରେ ସମିତି ସଭ୍ୟଙ୍କ ପରଲୋକ



ଭାପୁର,୩।୪(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ପଞ୍ଚାୟତର ସମିତି ସଭ୍ୟ ବଂଶୀଧର ସୁବୁଦ୍ଧି(୮୨)ଙ୍କ ହୃଦ୍‌ଘାତରେ ଶୁକ୍ରବାର ପରଲୋକ ହୋଇଯାଇଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭାପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କର ଗାଁ ମଣିପୁର ଗ୍ରାମ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ଅମ୍ବିକା ସୁବୁଦ୍ଧି ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ସେ ବର୍ତ୍ତମାନ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଜନପ୍ରତିନିଧିଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ ବ୍ୟକ୍ତି ଥିଲେ। ସେହିପରି କଇଁଫୁଲିଆ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ସନ୍ତୋଷ କୁମାର ସାହୁ ଏକ ସଡ଼କ ଦୁର୍ଘଟଣାରେ ଦୁଇଦିନ ପୂର୍ବେ ମୃତ୍ୟୁ ବରଣ କରିଥିଲେ।

### ନିଦ ହଜାଇଲାଣି ସିରିଜ୍ ଚୋରି
## ପୁଲିସ ନିଷ୍କ୍ରିୟତାକୁ ଦାୟୀ କଲେଣି ଲୋକେ

ନୟାଗଡ଼,୩।୪(ସମିସ): ନୟାଗଡ଼ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ହେଉଥିବା ଚୋରି ଘଟଣାର ଖିଅ ପୁଲିସ ଖୋଜି ନପାଇବା ଜିଲ୍ଲାବାସୀଙ୍କୁ ବ୍ୟଥିତ କରୁଛି। ନୟାଗଡ଼ ଜିଲ୍ଲାର ଅନେକ ଥାନାରେ ବିଗତ ଦୁଇ ବର୍ଷ ମଧ୍ୟରେ ଶତାଧିକ ଚୋରି ମାମଲା ରୁଜୁ ହୋଇଛି। କୌଣସି ଥାନା ପୁଲିସ ଆଖି ଦୃଶିଆ ଭାବେ ଚୋର, ଡକାୟତଙ୍କୁ ସାବାଡ଼ କରିବାକୁ ଅଣ୍ଟା ଭିଡ଼ିନାହିଁ। ବିଗତ ଦିନରେ ମନ୍ଦିର ଚୋରି ଘଟଣାରେ ପୁଲିସ ଚାପରେ ପଡ଼ି ଧରିବାରେ ସଫଳ ହୋଇଥିବା ବେଳେ ଅନେକ ଘର ଚୋରି, ବାଇକ ଚୋରୀ, ସାଇକେଲ ଚୋରି, ଚେନ୍ ଲୁଟ, ଛିନତାଇ ଭଳି ଅଭିଯୋଗ ଗୁଡ଼ିକ ତଦନ୍ତରେ ଅଟକି ଯାଉଛି। ଏହା ପଛରେ କାରଣ କଣ ବୋଲି ପ୍ରଶ୍ନ ଉଠୁଥିବା ବେଳେ ପୁଲିସ ବିଭାଗର ଚୋର ଧରିବା ପାଇଁ ନିଷ୍ଠା ନଥିବା ଆଲୋଚନା ହେଉଛି। ନିକଟରେ ସଦରଥାନା ଅନ୍ତର୍ଗତ ଯଦୁପୁର ଗାଁରୁ ଚୋରୀ ଘଟଣା, ଟାଉନଥାନା ଅନ୍ତର୍ଗତ ନବଘନପୁର ଚୋରୀ ଘଟଣା ଲୋକଙ୍କ ମନରେ ସଜେତ ହୋଇ ରହିଛି। ନୟାଗଡ଼ ଲକ୍ଷ୍ମଣନଗର ଚୋରି ଘଟଣା, ଶ୍ରୀରାମ ନଗରରେ ରହୁଥିବା ଅବସରପ୍ରାପ୍ତ ସମବାୟ କର୍ମଚାରୀଙ୍କ ଘରୁ ଚୋରି ଘଟଣା ଏବେ ବି ରହସ୍ୟ ଘେରରେ ରହିଛି। ନୟାଗଡ଼ ସଦର ଓ ଟାଉନଥାନାକୁ ବାଦ ଦେଲେ ଫତେଗଡ଼ ଥାନା ଅଞ୍ଚଳରେ ମଧ୍ୟ ଅନେକ ଚୋରି ଘଟଣା ଅନ୍ଧାରରେ ରହିଛି। ପୁଲିସ ଚୋରି ରୋକିବାରେ ବିଫଳ ହେଉଥିବା ବେଳେ ଚୋରି ଧରିବାରେ ମଧ୍ୟ ବିଫଳ ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ଗତ ୨୭ ତାରିଖରେ ସଦରଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ବୈକୁଣ୍ଠ ସାହୁଙ୍କ ଘରୁ ସଶସ୍ତ୍ର ଡକାୟତି ଏବଂ ଦୁଇ ଦିନ ତଳେ ଖମାରିସାହି ଗାଁର ଦୁଇ ଜଣଙ୍କ ଘରୁ ଚୋରି ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଖମାରିସାହି ଗାଁର ବୈକୁଣ୍ଠଙ୍କ ପୁଅ ବସନ୍ତ ସାହୁ ଏବଂ ତାଙ୍କ ବୋହୁ ରାତିରେ ଘରେ ଶୋଇଥିଲେ। ରାତି ୧ଟା ହେବ ୪ରୁ ୫ ଜଣ ଦୁର୍ବୃତ୍ତ ତାଙ୍କ ବାରିପଟ କବାଟ ଭାଙ୍ଗି ଘରେ ପଶିଥିଲେ। ସେମାନଙ୍କୁ ଅଟକାଇବାକୁ ବସନ୍ତ ଓ ତାଙ୍କ ପତ୍ନୀ ଚେଷ୍ଟା କରି ଆକ୍ରମଣର ଶୀକାର ହୋଇଥିଲେ। ଉଭୟ ଆହାତ ହୋଇଥିଲେ। ବନ୍ଧୁକ, ଭୁଜାଲୀ ଧରି ଡକାୟତମାନେ ଘରେ ପଶିବା ପରେ ଦୁହିଁଙ୍କ ଜୀବନରୁ ମାରି ଦେବାକୁ ଭୟଭୀତ କରାଇଥିଲେ। ବାଧ୍ୟ ହୋଇ ବସନ୍ତଙ୍କ ପତ୍ନୀ ସୁନା ଅଳଙ୍କାର ଆଲମିରାରେ ରହିଥିବା ସୂଚନା ଦେବା ପରେ ଡକାୟତମାନେ ଆଲମିରା ଖୋଲିଥିଲେ। ତା ମଧ୍ୟରେ ରହିଥିବା ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ନଗଦ ୭୬ ହଜାର ଟଙ୍କା ଓ କିଛି ଜରୁରୀ କାଗଜପତ୍ରକୁ ସେମାନେ ଲୁଟି ନେଇଥିଲେ। ଏହା ସହିତ ଘରୁ ୨ଟି ମୋବାଇଲ ମଧ୍ୟ ନେଇ ଯାଇଥିଲେ। ଡକାୟତମାନେ ଯିବା ପରେ ବସନ୍ତ ସ୍ଥାନୀୟ ଲୋକଙ୍କ ଜରିଆରେ ପୁଲିସକୁ ଖବର ଦେଇଥିଲେ। ଏନେଇ ବସନ୍ତ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ସାଇଣ୍ଟିଫିକ୍ ଟିମ୍ ଏବଂ ଡଗ ସ୍କ୍ୱାଡ୍ ଜରିଆରେ ତଦନ୍ତ ଆରମ୍ଭ କରିଥିଲା। ମୋବାଇଲ ଦୁଇଟି ବସନ୍ତଙ୍କ ଘର ପଛପଟୁ ଉଦ୍ଧାର କରାଯାଇଛି। ଏହି ଘଟଣାରେ ସଦରଥାନା ପୁଲିସ ଏଯାଏଁ କୌଣସି ସନ୍ଧାନ ପାଇନଥିବା ବେଳେ ଟାଉନଥାନା ଅନ୍ତର୍ଗତ ଖମାରିସାହି ଗାଁରୁ ଚୋରି ଏବଂ ବୃଦ୍ଧଙ୍କୁ ଆକ୍ରମଣ ଉଭୟ ମାମଲାରେ ସାମଞ୍ଜସ୍ୟ ରହିଥିବା ଅନୁମାନ କରାଯାଉଛି। ଟାଉନଥାନା ଅନ୍ତର୍ଗତ ଖମାରସାହି ଗାଁର ଭରତ ମହାନ୍ତି ଓ କରଜ ସ୍ୱାଇଁଙ୍କ ଘରୁ ବଡ ଧରଣର ଚୋରି ହୋଇଛି। ଉଭୟଙ୍କ ପରିବାର କବାଟ ବନ୍ଦ କରି ଶୋଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ସୁନାଗହଣା ସହ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। କରଜ ସ୍ୱାଇଁଙ୍କ ପଛ ପଟ କବାଟ ଭାଙ୍ଗି ଘରେ ପଶି ଘରୁ ସୁନା, ରୁପା ଓ ୨ ଲକ୍ଷ ଟଙ୍କା ଚୋରି କରି ନେଇ ଯାଇଛନ୍ତି। ସେହିପରି ଭରତ ମହାନ୍ତିଙ୍କ ପଛପଟୁ କବାଟ ତାଡି ଘରେ ପଶିଥିଲେ। ବୋହୁ ଶୋଇଥିବା ଘରକୁ ବାହାର ପଟୁ ବନ୍ଦ କରି ଦେଇ ଅନ୍ୟ ଏକ ଘରେ ଥିବା ଆଲମିରା ଭାଙ୍ଗି ୫୦ ହଜାର ଟଙ୍କା, ସୁନା ଓ ରୁପା ସାମଗ୍ରୀ ଚୋରି କରି ନେଇଛନ୍ତି। ଭରତ ଶୋଇଥିବା ବେଳେ ତାଙ୍କ ବେକକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ପଳାଇ ଯାଇଥିଲେ। ଜିଲ୍ଲା ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଭାବେ ଟିମ୍ ଗଠନ କରାଯାଇ ବାରମ୍ବାର ଘଟୁଥିବା ଚୋରି ଘଟଣାର ରହସ୍ୟ ଉନ୍ମୋଚନ କରିବା ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି ହେଉଛି।

**ଆଲୋଡ଼ନ ସୃଷ୍ଟି କରିଛି ବଳଭଦ୍ରପୁର ଓ ଖମାରିସାହି ଚୋରି**

# ଅନ୍ୟ ପାଇଁ ଉଦାହରଣ ଦିବ୍ୟାଙ୍ଗ ଭଉଣୀ ଝିଲି-ମିଲି

ଗଣିଆ,୩।୪(ସମିସ)

ସରକାରୀସ୍ତରରୁ ଆରମ୍ଭ କରି ବେସରକାରୀସ୍ତରରେ ଅନେକ ସଚେତନତା ସୃଷ୍ଟି କରାଯାଉଥିଲେ ମଧ୍ୟ ଅଲୋଡ଼ା ହୋଇପଡ଼ିଛନ୍ତି କନ୍ୟା। ରାଜ୍ୟରେ ଦିନକୁ ଦିନ କନ୍ୟା ଭ୍ରୁଣ ହତ୍ୟା, ନାବାଳିକା ବିବାହ, ନାରୀ ନିର୍ଯାତନା ବଢ଼ିବାରେ ଲାଗିଛି। କିନ୍ତୁ କନ୍ୟା ଯେ କୌଣସି ଗୁଣରେ କମ୍ ନୁହେଁ ଏକଥା ପ୍ରମାଣିତ କରିଛନ୍ତି ଗଣିଆର ଦୁଇ ଯାଆଁଳା ଭଉଣୀ ମଧୁସ୍ମିତା ବେହେରା ଏବଂ ଶୁଭସ୍ମିତା ବେହେରା(ଝିଲି ଓ ମିଲି)। ଗଣିଆ ଗୋପାଳ ସାହିର ଆନନ୍ଦ ଚନ୍ଦ୍ର ବେହେରାଙ୍କ ଦୁଇ ଯାଆଁଳା ଝିଅ ଝିଲି ଓ ମିଲି ଜନ୍ମ ହେବା ପରେ ପରିବାର ମଧ୍ୟରେ ପ୍ରଥମେ ଅସନ୍ତୋଷ ଦେଖାଦେଇଥିଲା। ଗାଁ ଲୋକଙ୍କ ଠାରୁ ଆରମ୍ଭ କରି ସାହିପଡ଼ିଶାଙ୍କ ପର୍ଯ୍ୟନ୍ତ ଅନେକ କଥା କହିଥିଲେ ମଧ୍ୟ ପିତା ଆନନ୍ଦ ଦୁଇ ଝିଅଙ୍କୁ ଲାଳନପାଳନ କରିବାରେ ଟିକିଏ ବି ଅବହେଳା କରି ନାହାନ୍ତି। ଏପରିକି ସେମାନଙ୍କ ଜନ୍ମ ହେବାର କିଛି ବର୍ଷ ପରେ ଆଉ ଗୋଟିଏ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ ଆନନ୍ଦ। ୩ ଝିଅଙ୍କର ପାଠପଢ଼ା ଠାରୁ ଆରମ୍ଭ କରି ଖାଇବା ପିଇବା, ପୋଷାକ ପତ୍ର କେଉଁଥିରେ ଅବହେଳା କରି ନାହାନ୍ତି ସେ। ଦୁଇ ଯାଆଁଳା ଭଉଣୀ ଗଣିଆ ରଘୁନାଥଜିଉ ଡିଗ୍ରୀ ମହାବିଦ୍ୟାଳୟରେ ଯୁକ୍ତ ତିନି ପାଠ ପଢ଼ି କୃତକାର୍ଯ୍ୟ ହୋଇଛନ୍ତି। ମିଲି ଗଣିଆରେ କୃଷି ମିତ୍ର ଭାବେ କାର୍ଯ୍ୟ କରୁଥିବା ବେଳେ ଝିଲି ଗଣିଆ ବଜାରରେ ଖୋଲିଥିବା ଗାରିମା ଦୋକାନ ଚଳାଉଛନ୍ତି। ଏପରିକି ଉଭୟେ ପ୍ରାୟ ୧୫ରୁ ଅଧିକ ଛାତ୍ରଛାତ୍ରୀଙ୍କୁ



ଘରେ ଟିଉସନ କରୁଛନ୍ତି। ଦୁଇଜଣ ଯାକ ସୁନ୍ଦର ଭଜନ ଗାଇବା ସହିତ ସୋସିଆଲ ମିଡିଆରେ ରିଲ୍ସ କରି ମିଲିୟନ ମିଲିୟନ ଦର୍ଶକଙ୍କ ପ୍ରଶଂସା ସାଉଁଟିଛନ୍ତି। ରଜ ମହୋତ୍ସବ ଠାରୁ ଆରମ୍ଭ କରି ଜିଲ୍ଲା ମହୋତ୍ସବ ତଥା ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି ଏହି ଦୁଇ ଯାଆଁଳା ଭଉଣୀ। ଚାଲି ଚଳଣ, କଥାବାର୍ତ୍ତାରେ ବେଶ୍ ମାର୍ଜିତ ଦୁଇ ଭଉଣୀ ଘରର ସମସ୍ତ କାର୍ଯ୍ୟ କରିବା ସହିତ ରୋଷେଇ କାର୍ଯ୍ୟରେ ମଧ୍ୟ ମାଆଙ୍କୁ ସାହାଯ୍ୟ କରନ୍ତି। ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ନିଜ ଗୋଡ଼ରେ ନିଜେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ସମାଜ ପାଇଁ ବୋଝ ନ ହୋଇ ସଫଳତାର ଶୀର୍ଷରେ ପହଞ୍ଚିଥିବା ଏହି ଦୁଇ ଯାଆଁଳା ଭଉଣୀ ପ୍ରକୃତରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।

## କେରେଣ୍ଡାଟାଙ୍ଗୀରେ ବେଆଇନ ପଥର ଖଣି

ନୟାଗଡ଼,୩।୪(ସମିସ): ନୟାଗଡ଼ ଜିଲ୍ଲା ରଣପୁର ତହସିଲ ଅଧୀନରେ ଥିବା ଏବେ ଖଣିରେ ମାଫିଆଙ୍କ ଦବଦବା ଦିନକୁ ଦିନ ବୃଦ୍ଧି ପାଇଛି। ଏ ନେଇ ଏକାଧିକ ଅଭିଯୋଗ ଆସୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ବର୍ତ୍ତମାନ କେରେଣ୍ଡାଟାଙ୍ଗି ଗ୍ରାମ ପଞ୍ଚାୟତ ଅଧୀନ ନୂଆପଡ଼ା ଗାଁରେ ଗୋଟିଏ ପାହାଡ଼ରେ ଏକାଧିକ ବେଆଇନ ଖଣି ଚାଲୁଥିବା ଅଭିଯୋଗ ହୋଇଛି। ଦିନକୁ ଦୁଇ ଥର ସେଠାରେ ବ୍ଲାଷ୍ଟ କରାଯାଇ ପାହାଡ଼ ଫଟାଯାଇ ପଥର ଚାଲାଣ କରାଯାଉଛି। ଦୈନିକ ୨୦୦-୩୦୦ ଟ୍ରିପ୍ ମାଲ୍ ଚାଲାଣ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏମିତିକି ପୁଲିସ ଓ ଖଣି ବିଭାଗ



ସବୁ ଜାଣିଥିଲେ ମଧ୍ୟ କିଛି ବି ପଦକ୍ଷେପ ନିଆଯାଉ ନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳୁଛି। ବେଆଇନ ବ୍ଲାଷ୍ଟିଂ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଉଛି। ଏଣୁ ଏ ନେଇ ତୁରନ୍ତ"ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି।

# ଶ୍ରୀରାମ ନବମୀ ମହୋତ୍ସବ

ନିରାକାରପୁର,୩।୪ (ସମିସ) : ସ୍ଥାନୀୟ ସରସ୍ୱତୀନଗର ଗ୍ରାମରେ 'ଶ୍ରୀରାମ ନବମୀ ନାଟ୍ୟସଂସ୍ଥା'ର ଆନୁକୂଲ୍ୟରେ ଏବଂ ଗ୍ରାମ୍ୟ ପରିଚାଳନା କମିଟି ସମେତ ସମସ୍ତ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଚଳିତ ବର୍ଷ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପବିତ୍ର ଜନ୍ମୋତ୍ସବ ତଥା ଶ୍ରୀରାମ ନବମୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧାର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଅତିଥି ଭାବେ ଯୋଗଦେଇ ଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଗତ ଶୁକ୍ରବାର ଦିନ ଶୁଦ୍ଧାଧିବାସ, ପୂଜା ଓ ଆଳତି ସହ ଏହି ଧର୍ମାନୁଷ୍ଠାନ ଆରମ୍ଭ ହୋଇଥିଲା। ରବିବାର ଦିନ ଜାଗୁଳେଇପଦର ବାବା ଗ୍ରାମେଶ୍ୱର ଦେବଙ୍କ ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ମୁଖ୍ୟ ଆକର୍ଷଣ ଭାବେ ଆସନ୍ତା ମଙ୍ଗଳବାର ଓ ବୁଧବାର ଦୁଇ ଦିନ ବ୍ୟାପୀ ବିଂଝେଶ୍ୱରୀ ରାମନାଟ୍ୟ ସଂସ୍ଥାନ (ସାହାଣୀକେରା)ଙ୍କ ଦ୍ୱାରା 'ରାମନାଟ୍ୟ' ପରିବେଷଣର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମକୁ ସରସ୍ୱତୀ ନଗରର ସଭାପତି ଗୋବିନ୍ଦ ବେହେରା, ଉପ-ସଭାପତି ଭାଗୀରଥି ବେହେରା, ସମ୍ପାଦକ ବନମାଳୀ ବେହେରା, ପ୍ରଭାତ ବେହେରା, ଅନାମ ବେହେରା, ଅବନୀକାନ୍ତ ବେହେରା, ବଲ୍ଲଭ ବେହେରା, ଜମ୍ବେଶ୍ୱର ବେହେରା, ସତ୍ୟ ବେହେରା ପରିଚାଳନା କରୁଛନ୍ତି।

# ସାହିତ୍ୟିକ, ଆକାଶବାଣୀ ଗୀତିକାର ଲକ୍ଷ୍ମୀଧର ମିଶ୍ରଙ୍କ ପରଲୋକ



ଖୋର୍ଦ୍ଧା, ୩।୪ (ସମିସ): ବୟୋଜ୍ୟେଷ୍ଠ ସାହିତ୍ୟିକ ତଥା ଆକାଶବାଣୀ,କଟକର ବରିଷ୍ଠ ଗୀତିକାର ଲକ୍ଷ୍ମୀଧର ମିଶ୍ରଙ୍କ ଆଜି ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ଚୌରାନବେ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ମିଶ୍ର ୧୯୬୭ ମସିହାରୁ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ଥିଲେ। ସେ ଖୋର୍ଦ୍ଧା ବିଜେବି ହାଇସ୍କୁଲ ସମେତ ଓଡ଼ିଶାର ବହୁ ସରକାରୀ ହାଇସ୍କୁଲରେ ଶିକ୍ଷକତା କରିଛନ୍ତି। ଓଡ଼ିଆ ଲିପିରେ ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି'କୁ ପ୍ରସ୍ତୁତ କରି?। ସହ ତାର ପଦ୍ୟାନୁବାଦ ପ୍ରକାଶ କରି ସେ ପାଠକମାନଙ୍କ ଆଦର ଲାଭ କରିଛନ୍ତି। ଓଡିଶାର ପ୍ରସିଦ୍ଧ ଗାୟକମାନେ ଗାଇଥିବା ତାଙ୍କର ଗୀତିଗୁଡିକର ସଂକଳନ 'ବିଚିତ୍ର ପଦାବଳୀ' ଉଚ୍ଚ ପ୍ରଶଂସା ଲାଭ କରିଛି।ଏତଦବ୍ୟତୀତ ଆହୁରି ସାତଟି କାବ୍ୟଗ୍ରନ୍ଥର ରଚୟିତା ରୂପେ ସେ ମନେ ରହିବେ। ଖୋର୍ଦ୍ଧା ଜିଲ୍ଲା ହଳଦିଆ ପଞ୍ଚାୟତର ଭଗବାନପୁରଶାସନଗ୍ରାମରେଜନ୍ମନେଇଥିବା ସ୍ୱର୍ଗତ ମିଶ୍ର ପଛରେ ତାଙ୍କ ପତ୍ନୀ,ଚାରି ପୁଅ ଓ ଚାରି ଝିଅଙ୍କୁ ଛାଡି ଯାଇଛନ୍ତି। ମୃତ୍ୟୁବେଳକୁ ପାଖରେ ତାଙ୍କର ପତ୍ନୀ ପଙ୍କଜିନୀ ମିଶ୍ର ଏବଂ ପୁଅ ଶାନ୍ତିନିକେତନର ପ୍ରଫେସର ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଅରୁଣ ରଞ୍ଜନ ମିଶ୍ର,ଡକ୍ଟର ଅନୁରୁ ରଞ୍ଜନ ମିଶ୍ର, ଡକ୍ଟର ଅନୁପ ରଞ୍ଜନ ମିଶ୍ର ଓ ଅସିତ ରଞ୍ଜନ ମିଶ୍ରଙ୍କ ସହ ସାନବୋହୂ ଓ.ୟୁ.ଏ.ଟି.ର ଡକ୍ଟର ରାଜଶ୍ରୀ ରଥ ଉପସ୍ଥିତ ଥିଲେ।

# ତିରିମଲ୍ ଦୋଳ ମେଳଣ ଉଦ୍ଯାପିତ



ଜଟଣୀ, ୩।୪ (ସମିସ): ଜଟଣୀ ବ୍ଲକ ଅନ୍ତର୍ଗତ ତିରିମଲ୍‌ରେ ଚାଲିଥିବା ଦୋଳ ମେଳଣ ଉଦଯାପିତ ହୋଇଛି। ଏହା ୧୫୦ ବର୍ଷ ପୁରାତନ ମେଳଣ ଭାବେ ଅଞ୍ଚଳରେ ଖ୍ୟାତି ଅର୍ଜନ କରିଛି। ଗତ ମାର୍ଚ୍ଚ ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି ଥାନାପତି ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କ ମେଳଣରେ ୩୦ରୁ ଅଧିକ ଦୋଳ ସାମିଲ ହୋଇଥିଲେ। ଏଥିରେ ଜଟଣୀ, ପିପିଲି, ଡେଲାଙ୍ଗ, ଓ ଖୋର୍ଦ୍ଧା ଅଞ୍ଚଳର ଭକ୍ତମାନଙ୍କ ସମାଗମ ହୋଇଥିଲା। ଏହି ଉତ୍ସବରେ ଆତସବାଜି ଓ ପାରମ୍ପରିକ ବାଦ୍ୟଯନ୍ତ୍ର ପ୍ରଦର୍ଶିତ ହୋଇଥିଲା। ଠାକୁରଙ୍କ ମେଳଣ ଦିନ ହଜାର ହଜାର ଭକ୍ତ ସାମିଲ ହୋଇ ଫଗୁ ଖେଳିଥିଲେ।

# ବେଆଇନ ଖଣି ଖନନ

ଟାଙ୍ଗୀ,୩।୪ (ସମିସ): ଚାନ୍ଦପୁର ଥାନା କେରାଣ୍ଡାଟାଙ୍ଗୀ ପଞ୍ଚାୟତ ନୂଆପଡା ଗ୍ରାମ ତଥା ରଣପୁର ଅଞ୍ଚଳରେ ଯେଉଁଠି ପାହାଡ ଅଛି ସେଠାରେ ବେଆଇନ ଲଘୁ ଖଣିଜ ସମ୍ପଦକୁ ଲୁଟ କରାଯାଉଛି। ସରକାର ପର୍ଯ୍ୟାପ୍ତ ପରିମାଣର ରାଜସ୍ୱ ହରାଇବା ସାଙ୍ଗକୁ ଶାନ୍ତି ଶୃଙ୍ଖଳାରେ ଜୀବନ ଯାପନ କରିବାର ମୌଳିକ ଅଧିକାରରୁ ଲୋକଙ୍କୁ ବଞ୍ଚିତ କରାଯାଉଛି। ନୟାଗଡ ଜିଲ୍ଲା ପ୍ରଶାସନକୁ ସିନା ଏକପ୍ରକାର ଅକାମୀ କରିଦିଆଯାଇଛି, ହେଲେ ରାଜ୍ୟ ସରକାରଙ୍କ ଗୁପ୍ତ ତଥ୍ୟ ପ୍ରଦାନକାରୀ ସଂସ୍ଥା କରୁଛି କ'ଣ? । ସ୍ୱଷ୍ଟ ଦିବାଲୋକରେ ବିଭିନ୍ନ ଅତ୍ୟାଧୁନିକ ମେସିନ ରେ ପାହାଡରେ ବ୍ଲାଷ୍ଟିଙ୍ଗ କରି ଶତାଧିକ ହାଇୱା ଭଳି ଭାରିଯାନରେ ଲଘୁ ଖଣିଜ ସମ୍ପଦ ଲୁଟ କରାଯାଉଥିଲେ ମଧ୍ୟ କେଉଁ ଅଦୃଶ୍ୟ ରାଜନେତା ଚାପର ବଶବର୍ତୀ ହୋଇ ଖଣି, ତହସିଲ, ପରିବେଶ ଏପରିକି ସ୍ଥାନୀୟ ପୁଲିସ ମଧ୍ୟ ଚୁପ ବସିଛି ତାହା ବୁଦ୍ଧିଜୀବୀ ମହଲରେ କେବଳ ନିନ୍ଦାର ଖୋରାକ ଯୋଗାଇ ଦେଇଛି।

## ଡିଲ୍ ବେଳେ ମାଡ଼ିବସିଲା ପୁଲିସ

# ୫ଲକ୍ଷର ବ୍ରାଉନସୁଗର ଜବତ; ୩ ଗିରଫ





ଖୋର୍ଦ୍ଧା,୩।୪(ସମିସ): ସଦର ଥାନା ଅନ୍ତର୍ଗତ ଛତିପୁର ଖେଳପଡିଆ ନିକଟରେ ଚାଲିଥିଲା ବ୍ରାଉନସୁଗର ଡିଲ୍। ମାଲ ଦେବାନେବା ବେଳେ ମାଡି ବସିଲା ପୁଲିସ। ଜଣେ ବେପାରୀଙ୍କ ସମେତ ମାଲ ନେବାକୁ ଆସିଥିବା ଅନ୍ୟ ଜିଲ୍ଲାର ଦୁଇଜଣ ଗ୍ରାହକଙ୍କୁ ପୁଲିସ ଗିରଫ କରିଛି। ଗିରଫ ବେପାରୀ ହେଲେ ଜଟଣୀ ଥାନା ଅନ୍ତର୍ଗତ ତିରିମଲର ପୂର୍ଣ୍ଣଚନ୍ଦ୍ର ମହାନ୍ତି ଓରଫ୍ ଗାଣ୍ଡୁ (୪୭) ଏବଂ ଗ୍ରାହକ ଦ୍ୱୟ ହେଲେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଥାନା ଅନ୍ତର୍ଗତ ଅମ୍ବିକାନଗର ବିଜିପୁରର ସୁଧିର ଚୌଧୁରୀ (୨୨) ଓ ବ୍ରହ୍ମପୁର ଟାଉନ୍ ଥାନା ଅନ୍ତର୍ଗତ ମୋଚିସାହି ହଜ ଗଳିର ସେକ୍ ଅସିଫ୍ ଓରଫ ଗାଣ୍ଡୁ (୨୧) ବୋଲି ଆଜି ସଦରଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ତଥା ଭାରପ୍ରାପ୍ତ ଖୋର୍ଦ୍ଧା ଏସ୍‌ଡିପିଓ ନିହାର ପ୍ରଧାନ ସୂଚନା ଦେଇଛନ୍ତି। ସେମାନଙ୍କ ଠାରୁ ୫୧.୭୭ ଗ୍ରାମ ଓଜନର ବ୍ରାଉନସୁଗର, ଏକ ବୁଲେଟ୍ ଓ ୩ଟି ଦାମୀ ମୋବାଇଲ ଫୋନ୍‌କୁ ପୁଲିସ ଜବତ କରିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଶ୍ରୀ ପ୍ରଧାନଙ୍କ ସୂଚନା ଅନୁସାରେ, ଛତିପୁର ଖେଳ ପଡିଆ ନିକଟରେ ତିରିମଲର ଗାଣ୍ଡୁ ବ୍ରାଉନସୁଗର ଡେଲିଭରି ଦେବାକୁ ବ୍ରହ୍ମପୁରରୁ ଆସୁଥିବା ଦୁଇ ଗ୍ରାହକଙ୍କୁ ଅପେକ୍ଷା କରିଥିବା ଖବର ମିଳିଥିଲା। ତାକୁ ଧରିବାକୁ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ଶ୍ରୀ ପ୍ରଧାନ ଓ ସଦରଥାନାଅଧିକାରୀ ବାସୁଦେବ ଜୟସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଗୁରୁବାର ଅପରାହ୍ନରେ ମାଲ ଡିଲ ବେଳେ ଏସ୍‌ଆଇ ସୁଜାତା ପଲେଇଙ୍କ ନେତୃତ୍ୱରେ ଚଢ଼ାଉ କରିଥିଲେ। ଚଢ଼ଉ ବେଳେ ବେପାରୀ ଗାଣ୍ଡୁ ଖସିବାକୁ ଉଦ୍ୟମ କରିଥିଲା। ମାତ୍ର ତାକୁ କୌଶଳ କ୍ରମେ ପୁଲିସ କାବୁ କରିବା ସହ ଗ୍ରାହକ ସୁଧିର ଓ ପଠାଣକୁ ଧରିଥିଲେ। ସେମାନଙ୍କଠାରୁ ବ୍ରାଉନସୁଗର, ୩ ଫୋନ୍ ଓ ବୁଲେଟକୁ ପୁଲିସ ଜବତ କରିଥିଲା। ଜବତ ବ୍ରାଉନସୁଗରର ମୂଲ୍ୟ ୫ଲକ୍ଷ ୧୦ହଜାର ଟଙ୍କାରୁ ଉଦ୍ଧ୍ୱର୍ ହେବ। ତେବେ ତଦନ୍ତବେଳେ ଗାଣ୍ଡୁ ବ୍ରାଉନସୁଗର ଜାଳେଶ୍ୱର ଅଞ୍ଚଳର ଜଣେ ବେପାରୀ ଠାରୁ ଆଣୁଥିବାବେଳେ ଏଠାରୁ ସେ ଏହାକୁ ଜିଲ୍ଲା ଭିତରର ଗ୍ରାମାଞ୍ଚଳ ଓ ସହରାଂଚଳ, ଭୁବନେଶ୍ୱର ଉପକଣ୍ଠ ଅଞ୍ଚଳରେ ସମେତ ଜିଲ୍ଲା ବାହାର ଯଥା: ବ୍ରହ୍ମପୁର, କଟକ, ନୟାଗଡ, ପୁରୀ ଜିଲ୍ଲା ର ବିଭିନ୍ନ ଅଞ୍ଚଳରର ଏଜେଂଟ କୁ ମାଲ ଦେଉଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ଜଳେଶ୍ୱର ରୁ ମାଲ ଦେଉଥିବା ଲୋକଙ୍କୁ ମଧ୍ୟ ଖୁବଶୀଘ୍ର ଗିରଫ କରାଯିବା ସହ ଏହି ଘଟଣାରେ ଅନ୍ୟକେଉଁମାନେ ସମ୍ପୃକ୍ତ ରହିଛନ୍ତି ପୁଲିସ ତାର ତଦନ୍ତ କରୁଥିବା ଶ୍ରୀ ପ୍ରଧାନ କହିଛନ୍ତି। ଏସ୍‌ଆଇ ଶ୍ରୀମତୀ ପଲେଇଙ୍କ ଅଭିଯୋଗ କ୍ରମେ ପୁଲିସ ୧୪୦/୨୬ରେ ଏକ ମାମଲା ରୁଜୁ କରି ଗିରଫ ୩ଜଣଙ୍କୁ କୋର୍ଟ ଚାଲାଣ କରିଛି ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ବାସୁଦେବ ଜୟସିଂହ, ସିଏସଆଇ ବିଜେନ୍ଦ୍ର କୁମାର ମହନ୍ତ, ହାବିଲଦାର ମସି ଖାନ୍, ଚନ୍ଦ୍ର କୁମାର ପାଟଶାଣୀ, ସନ୍ତୋଷ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳେଶ୍ୱରରୁ ଆସି ଖୋର୍ଦ୍ଧାରୁ ଯାଉଥିଲା ବ୍ରହ୍ମପୁର

ପ୍ରକାଶ ଥାଉକି, ଖୋର୍ଦ୍ଧା ସହରରେ ଦିନକୁ ଦିନ ବ୍ରାଉନସୁଗର କାରବାର ବୃଦ୍ଧି ପାଇଁ ଗ୍ରାମାଂଚଳ ପର୍ଯ୍ୟନ୍ତ ପହଂଚିଲାଣି। ଛାତ୍ର, ଯୁବକ ମାନେ ଏହାକୁ ରୋଜଗାର ପନ୍ଥା ଭାବେ ଗ୍ରହଣ କରିନେଇଛନ୍ତି। ବାଲେଶ୍ୱର, ଜଳେଶ୍ୱର ପ୍ରଭୃତି ଅଂଚଳରୁ ବ୍ରାଉନସୁଗର ଖୋର୍ଦ୍ଧାକୁ ଆସୁଛି। ଏଠାରୁ ବିଭିନ୍ନ ମାଧ୍ୟମରେ ଚାରିଆଡେ ପଠାଯାଉଛି। ବିଶେଷତଃ ଯୁବପିଢି ଏହାର ଶିକାର ହେବାରେ ଲାଗିଛନ୍ତି। ଦିନକୁ ଦିନ ଖୋର୍ଦ୍ଧା ସହର ଓ ଉପକଣ୍ଠ ର ଯୁବପିଢି ଏବଂ ଛାତ୍ରମାନଙ୍କୁ ଗ୍ରାସିବାରେ ଲାଗିଛି। ରାତାରାତି ଧନୀ ଏବଂ ବିନା ପରିଶ୍ରମରେ କୋଟିପତି ହେବାକୁ ଆଶା କରିଥିବା କଲେଜ ଛାତ୍ର ଏବଂ ଯୁବକ ମାନେ ଏଥିରେ ସାମିଲ ହୋଇ ବିପଦଗାମୀ ହୋଉଛନ୍ତି। ବିଶେଷତଃ ୨୦ରୁ ୨୫ବର୍ଷ ଯୁବକ ଏହି କାରବାରରେ ଲିପ୍ତ ରହୁଥିବା ପୁଲିସ ଠାରୁ ସୂଚନା ମିଳିଛି। ଫଳରେ ଖୋର୍ଦ୍ଧା ଦିନକୁ ଦିନ ଅଶାନ୍ତି ଆଡକୁ ଗତି କରୁଛି। ବ୍ରାଉନସୁଗାର କାରବାର କରୁଥିବା ଯୁବକ ଏବଂ ଏହାକୁ ଗ୍ରହଣ କରୁଥିବା ଯୁବକ ମାନେ ବିଭିନ୍ନ ଅସମାଜିକ କାର୍ଯ୍ୟରେ ମଧ୍ୟ ଲିପ୍ତ ରହୁଥିବା ଦେଖିବାକୁ ମିଳିଛି। ଏ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହାର ମୂଳୋତ୍ପାଟନ ଲାଗି ବରିଷ୍ଠ ନାଗରିକ ମାନେ ଦାବି କରିଛନ୍ତି।

# ଚୈତନ୍ୟ ବିହାରରେ ଆଲୋଚନାଚକ୍ର



ଖୋର୍ଦ୍ଧା, ୩।୪ (ସମିସ): ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏସନ୍ ପକ୍ଷରୁ ଶ୍ରୀ ଚୈତନ୍ୟ ବିହାର ପରିସରରେ "ବିଜ୍ଞାନ ଓ ଠାକୁର ଭକ୍ତି ବିନୋଦଙ୍କ ଦୃଷ୍ଟିରେ ଅବତାର ମାନଙ୍କ କ୍ରମ ବିକାଶ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚକ ଭାବେ ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଅଧ୍ୟାପକ ହେମନ୍ତ କୁମାର ଦାଶ, ଅବସର ପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୁର୍ଗା ଚରଣ ନାୟକ, ଶିକ୍ଷାବିତ୍ ଯୁଧିଷ୍ଠିର ଛୁଆଳ ସିଂହ, ଶ୍ରୀ ଚୈତନ୍ୟ ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ ଯୋଗଦେଇ ଉପରୋକ୍ତ ବିଷୟରେ ଆଲୋଚନା କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ମୋହନ ପଟ୍ଟଯୋଷୀ, ବୋଧାୟନ୍ ମହାରାଜ, ଅନନ୍ତହରି ମହାରାଜ, ଜଗଦୀଶ ପ୍ରସାଦ ପଟ୍ଟନାୟକ, ସଂଘ ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ, କାଦମ୍ବିନୀ ସାମନ୍ତରାୟ, ସସ୍ମିତା ପଣ୍ଡା ଆଦି ଯୋଗ ଦେଇଥିଲେ। ଏହି ଆଲୋଚନା ଚକ୍ରକୁ ହେମନ୍ତ କୁମାର ଦାଶ ସଂଯୋଜନା କରିଥିଲେ।

# ବାଇକ୍ ସହ ମଦ ଜବତ, ଜଣେ ଗିରଫ

ଟାଙ୍ଗୀ, ୩।୪ (ସମିସ): ଟାଙ୍ଗୀ ଅବକାରୀ ବିଭାଗ ଜଙ୍କିଆ ଥାନା ଅରିସଲ ରାସ୍ତା ରେ ପାଟ୍ରୋଲିଂ କରୁଥିବା ବେଳେ ଏକ ମୋଟରସାଇକେଲରେ ବୋଝେଇ ହୋଇ ଯାଉଥିବା ୧୫ ଲିଟର ଆସ୍କା ଫଟି ସହ ବାଇକ ଟିକୁ ଜବତ କରିଥିବା ବେଳେ ମଦ ବେପାରୀକୁ ଗିରଫ କରିଥିବା ଜଣାପଡିଛି। ମଦବେପାରିଙ୍କ ନାମ ମୟୁରଝାଳିଆ ଗ୍ରାମର ବୃନ୍ଦାବନ ସାହୁ ବୋଲି ଅବକାରୀ ଇନସପକ୍ଟର ଅଜିତ କୁମାର ପାତ୍ରଙ୍କ ସୂତ୍ରରୁ ପ୍ରକାଶ। ଅବକାରୀ ସବଇନସପେକ୍ଟର ରମେଶ ଚନ୍ଦ୍ର ବାରିକ ଚଢ଼ଉରେ ସହଯୋଗ କରିଥିଲେ।

# ପୂର୍ତ୍ତ ବିଭାଗ ରାସ୍ତା ହେଉନି ମରାମତି



ବେଗୁନିଆ, ୩।୪ (ସମିସ): ସିମୋର-ବାଙ୍କୀ ପୂର୍ତ୍ତବିଭାଗ ରାସ୍ତାର ସିମୋର ଗ୍ରାମଠାରୁ ତୁଳସୀପୁର ମଧ୍ୟରେ ଢ଼ଳେଇ କଂକ୍ରିଟ ଗୁଡ଼ିକ ଫାଟି ଆଁ କରିଥିବା ବେଳେ କେତେକାଂଶରେ ପିଚୁ ଉଠିଯାଇ ଖାଲ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ଅନେକାଂଶରେ ଯାତାୟାତ କରୁଥିବା ମୋଟର ଯାନ ରାସ୍ତାରେ ଖାଲ ଜାଣି ନ ପାରି ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖିନ ହୋଇ ଧନ ଓ ଜୀବନ ନଷ୍ଟ ହେବାର ଦେଖିବାକୁ ମିଳୁଛି। ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତୁରା ଥିବାରୁ ସଠିକ ଢ଼ଙ୍ଗରେ କାର୍ଯ୍ୟ ହୋଇ ନ ଥିବା ଯୋଗୁଁ ମରାମତିର ଆବଶ୍ୟକ ପଡୁଛି ବୋଲି ସମାଜସେବୀ ସୂର୍ଯ୍ୟନାରାୟଣ ମିଶ୍ର, ବାସୁଦେବ ବେହେରା, ବିଜୟ କୁମାର ସାମନ୍ତରାୟ, ହରିବନ୍ଧୁ ମହାରଣା, ପ୍ରକାଶ ଚନ୍ଦ୍ର ସାହୁ, କବିରାଜ ସାହୁ, ହରେକୃଷ୍ଣ ପଣ୍ଡା ଓ ସାମ୍ବାଦିକ ଗଣେଶ୍ୱର ମହାପାତ୍ର ପ୍ରମୁଖ ମତ ପ୍ରକାଶ କରିଛନ୍ତି। ଏହି ରାସ୍ତାର ଭୋଗଡା ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ନିକଟରୁ ତୁଳସୀପୁର ମଧ୍ୟରେ ଦେଢ଼ କିମି କଂକ୍ରିଟ ଢ଼ଳେଇ ରାସ୍ତାରେ ଖାଲ ଢିପ ହୋଇ ଥିବା ବେଳେ ସିମୋର-ଗଁପୁର ଦେଢ଼ କିମି କଂକ୍ରିଟ ରାସ୍ତାଟି କେଉଁଠାରେ ଦବି ଯାଇଛି ତ କେଉଁଠାରେ ଫାଟ ସୃଷ୍ଟି ହୋଇଛି। ଏହାକୁ ତୁରନ୍ତ ମରାମତି ଆବଶ୍ୟକ କରୁଥିବା ବେଳେ ଠିକାଦାର ଓ ବିଭାଗୀୟ ଅଧିକାରୀ କୁମ୍ଭକର୍ଣ୍ଣ ନିଦ୍ରା ଭିତରେ ଶୋଇ ରହିଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଫକୀର ଚରଣ ବେହେରାଙ୍କୁ ଯୋଗାଯୋଗ କରିବାରୁ ଚିକିତ୍ସାଳୟ ଭିତରେ ଅଛନ୍ତି କହି ଫୋନ କାଟି ଦେଇଥିଲେ। ଏଠାରେ ଦେଖିବାକୁ ଖବର ପ୍ରକାଶିତ ହେବା ପରେ ଲୋକଙ୍କ ସରକାର ଜନ ସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ପୂର୍ତ୍ତ ବିଭାଗ ରାସ୍ତାର ମରାମତିକୁ ନେଇ କେବେ କରାଯିବ ବୋଲି ସଚେତନ ନାଗରିକ ମାନେ ଚାତକ ଭଳି ଚାହିଁ ବସିଛନ୍ତି।

# ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: ରାଞ୍ଚି ଆକ୍ୱାଫୁଟବଲ୍ କ୍ଲବ ସେମିରେ

ବେଗୁନିଆ, ୩।୪(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଗ୍ରାମସ୍ଥିତ ଖେଳ ପଡିଆରେ ଆଥଲେଟିକ ଆସୋସିଏସନ୍ ପକ୍ଷରୁ ୫୧ତମ ବାର୍ଷିକ ସର୍ବ ଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଶୁକ୍ରବାର ଦିନ ଅପରାହ୍ନରେ ରାଞ୍ଚି ଆକ୍ୱା ଫୁଟବଲ୍ କ୍ଲବ ଓ କଲିକତା ହାଓଡ଼ା ଫ୍ରେଣ୍ଡସ କ୍ଲବ ମଧ୍ୟରେ ଖେଳ ହୋଇଥିବା ବେଳେ ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ବରାବର ସ୍ଥିତିରେ ରହିଥିଲା। ପରେ ଟାଇବ୍ରେକର ସହାୟତାରେ ରାଞ୍ଚି ଆକ୍ୱା ଫୁଟବଲ୍ କ୍ଲବ ୪-୩ ଗୋଲରେ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି।ଏହି ଖେଳରେ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥି ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ସାଂସଦ ପ୍ରାର୍ଥି ୟାସିର ନୱାଜ, ବ୍ଲକ କଂଗ୍ରେସ ସଭାପତି ତଥା ସଂଖ୍ୟା ଲଘୁ ସମ୍ପ୍ରଦାୟର ସମ୍ପ୍ରଦାୟର ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ମୋହି ଉଦ୍ଦିନ ଅହମ୍ମଦ, ବ୍ଲକ ପୂର୍ବତନ କଂଗ୍ରେସ ସଭାପତି କାଳନ୍ଦୀ ଚରଣ ମହାପାତ୍ର, କଢାମଲ୍ - ପୂର୍ବଗାଡିଆ ସେବା ସମବାୟ ସମିତିର ସଭାପତି ବିଜୟ କୁମାର ମଡଗଜସିଂହ ଓ ଗେଡିଆପଲ୍ଲୀ ପଞ୍ଚାୟତ ନାଏବ ସରପଞ୍ଚ ଲକ୍ଷ୍ମୀଧର ସ୍ୱାଇଁ ଓ ସମାଜସେବୀ ଏସକେ ଗୁଲଜାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ମ୍ୟାଚ କମିଶନର ଅବଦୁଲ ଦୟାନ ଖାଁଙ୍କ ତତ୍ତ୍ୱାବଧାନ ଓ ରେଫରି ବିଜୟ କୁମାର ମଙ୍ଗରାଜଙ୍କ ନେତୃତ୍ୱରେ ରମେଶ ଚନ୍ଦ୍ର ପାଇକରାୟ, ଅବିନାଶ ପଟ୍ଟନାୟକ ଓ ଅମଜାଦ ଖାନ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା କାଲି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ କଟକ ମା ମଙ୍ଗଳା କ୍ଲବ ଓ ରାଞ୍ଚି ଆକ୍ୱା ଫୁଟବଲ୍ କ୍ଲବ ମଧ୍ୟରେ ଖେଳ ହେବ ବୋଲି ଆୟୋଜକ ମାନେ ସୂଚନା ଦେଇଛନ୍ତି।

## ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ

# ଆନ୍ତର୍ବିଭାଗୀୟ ଦିବାରାତ୍ର ଟେନିସ୍ ବଲ୍ କ୍ରିକେଟ୍ ଉଦ୍‌ଘାଟିତ





ଜଟଣୀ, ୩।୪ (ସମିସ): ପୂର୍ବତଟ ରେଳବାଇ କ୍ରୀଡ଼ା ସଂଘ, ଖୋର୍ଦ୍ଧାରୋଡ ଦ୍ୱାରା ଆୟୋଜିତ ଆନ୍ତ-ବିଭାଗୀୟ ଦିବା ଓ ରାତ୍ରି କ୍ରିକେଟ୍ ପ୍ରତିଯୋଗିତା୨୦୨୬ ଖୋର୍ଦ୍ଧା ରୋଡସ୍ଥିତ ରେଳବାଇ ଷ୍ଟାଡିୟମରେ ଉଦଘାଟିତ ହୋଇଛି। ଏହି ପ୍ରତିଯୋଗିତା ୧୭ ଏପ୍ରିଲ୍ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଖୋର୍ଦ୍ଧା ରୋଡ ଡିଭିଜନର ମୋଟ ୧୨ଟି ବିଭାଗ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ଖୋର୍ଦ୍ଧାରୋଡର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନିଲ ଉଦଘାଟନ କରିଥିଲେ। ଏହି ଅବସରରେ ପି. କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଅପରେସନ୍ସ), ରାଜଧାରୀ ଯାଦବ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି), ଅନିଲ କୁମାର ଏସ୍., କ୍ରୀଡ଼ା ଅଧିକାରୀ ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ, ସହ ଅନ୍ୟାନ୍ୟ ସହକାରୀ କ୍ରୀଡ଼ା ଅଧିକାରୀ, ଶାଖା ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ଡି. ସୁନିଲ ସମସ୍ତ ଅଂଶଗ୍ରହଣକାରୀ ଦଳକୁ ତାଙ୍କର ଶୁଭେଚ୍ଛା ଜଣାଇଥିଲେ। ସେ ଖେଳାଳିମାନଙ୍କୁ ଦକ୍ଷତା, ଦଳଗତ ମନୋଭାବ ଓ କ୍ରୀଡ଼ା ଆତ୍ମା ପ୍ରଦର୍ଶନ କରି ଟୁର୍ଣ୍ଣାମେଣ୍ଟରେ ଉତ୍କର୍ଷ ଅର୍ଜନ କରିବାକୁ ପ୍ରେରିତ କରିଥିଲେ। ସେ ଖୋର୍ଦ୍ଧା ରୋଡ କ୍ରୀଡ଼ା ସଂଘର କ୍ରୀଡ଼ା ପ୍ରଚାରରେ ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ଷ୍ଟାଡିୟମରେ ଚାଲୁଥିବା କ୍ରୀଡ଼ା ଭିତ୍ତିଭୂମିର ବିକାଶ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅଂଶଗ୍ରହଣକାରୀ ବିଭାଗଗୁଡ଼ିକ ମଧ୍ୟରେ ବୈଦ୍ୟୁତିକ, ରେଳ ସୁରକ୍ଷା ବଳ, ଅର୍ଥ, ପରିଚାଳନା, ଚିକିତ୍ସା, ଷ୍ଟୋର, ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ୍ ଲୋକୋ ସେଡ୍/ଅନୁଗୁଳ, ବୈଦ୍ୟୁତିକ (ଅପରେସନ୍ସ), ବାଣିଜ୍ୟିକ, କାର୍ମିକ, ସିଗ୍ନାଲ ଓ ଟେଲିକମ୍ୟୁନିକେସନ୍ ଏବଂ ମେକାନିକାଲ୍ ବିଭାଗ ଅନ୍ତର୍ଭୁକ୍ତ। ଏହି ଟୁର୍ଣ୍ଣାମେଣ୍ଟ ସମୟରେ ମୋଟ ୩୦ଟି ଲିଗ୍ ମ୍ୟାଚ୍ ଖେଳାଯିବ। ଉଦ୍‌ଘାଟନୀ ଦିନରେ ପ୍ରଥମ ମ୍ୟାଚ୍ ରେଳ ସୁରକ୍ଷା ବଳ ଓ ଅପରେସନ୍ସ ବିଭାଗ ମଧ୍ୟରେ ଖେଳାଯାଇଥିଲା, ଯେଉଁଥିରେ ରେଳ ସୁରକ୍ଷା ବଳ ୧୪ ରନ୍‌ରେ ବିଜୟୀ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ଅନିଲ କୁମାର ଏସ୍., କ୍ରୀଡ଼ା ଅଧିକାରୀ ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖୋର୍ଦ୍ଧାରୋଡ ଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଛି। ସମସ୍ତ ମ୍ୟାଚ୍ ସାଧାରଣ ସମ୍ପାଦକ ମହମ୍ମଦ ଜାକିରୁଦ୍ଦିନ, ସହକାରୀ ସାଧାରଣ ସମ୍ପାଦକ ସଚିବ ଜେ. ଏସ୍. ପାତ୍ର ଏବଂ କ୍ରୀଡ଼ା ସଙ୍ଗଠନ ସଦସ୍ୟ ମାନେ ସଂଯୋଜନା କରୁଛନ୍ତି।

# ଶ୍ରୀଗୁପ୍ତେଶ୍ୱର ଦେବଙ୍କ ଦଣ୍ଡଯାତ୍ରା



ବାଣପୁର,୩।୪(ସମିସ): ବାଣପୁର ଅଞ୍ଚଳର ଆରାଧ୍ୟ ଦେବ ତଥା ଗାଲୁଆ ଗ୍ରାମସ୍ଥିତ ଶ୍ରୀ ଶ୍ରୀଗୁପ୍ତେଶ୍ୱର ଦେବଙ୍କ ଦଣ୍ଡ ଯାତ୍ରା ଉତ୍ସବ ସମାରୋହରେ ଚାଲିଛି। ମୀନ ସଂକ୍ରାନ୍ତିଠାରୁ ବିଷୁଭ ସଂକ୍ରାନ୍ତି ତଥା ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ଦୀର୍ଘ ଏକ ମାସ ମାନସିକ ଧାରୀ ମାନେ ଆମିଷ ତେଲ ପିଆଜ ରସୁଣ ଆଦି ଭକ୍ଷଣ ତ୍ୟାଗ କରି ଶୁଦ୍ଧପୁତ ଭାବେ ନିଷ୍ଠାର ସହ ମହାଦେବଙ୍କୁ ଉପାସନା କରି ରହିଥିବା ବେଳେ ଗତ ମାର୍ଚ୍ଚ ୨୫ ତାରିଖରେ ଶ୍ରୀଗୁପ୍ତେଶ୍ୱର ଦେବ ଦଣ୍ଡ ଠାକୁର ଆବିର୍ଭାବ ହୋଇଥିଲେ। ଦୀର୍ଘ ୨୧ଦିନ ବ୍ୟାପି ଏହି ଦଣ୍ଡ ଉତ୍ସବ ଲାଗି ଦଣ୍ଡଠାକୁର ଆବିର୍ଭାବ ନିମନ୍ତେ ଗତ ୨୫ତାରିଖ ବୁଧବାର ସକାଳେ ଦଣ୍ଡଯାତ୍ରାରେ ସାମିଲ ହେବା ପାଇଁ ପାଟଭଗତା ସହ ୧୨ ଭଗତା ଗୃହ ତ୍ୟାଗ କରି ଗାଲୁଆ ଗ୍ରାମ ସ୍ଥିତ ଗାଦିଶ୍ୱର ପୀଠରୁ ମଧ୍ୟ ରାତ୍ରିରେ ବାହାରି ଶ୍ରୀ ଗୁପ୍ତେଶ୍ୱର ଦେବଙ୍କ ପୀଠକୁ ଗମନ କରିଥିଲେ। ପାରମ୍ପରିକ ନୀତି ଅନୁଯାୟୀ ନିଶାଦ୍ଧ ରାତ୍ରରେ ସେଠାରେ କାଳିକା ପୂଜା, କାମନା ପୂଜା, ସପ୍ତଋଷି ପୂଜା, ଦଶଦିଗପାଳ ପୂଜା ପରେ ଶ୍ରୀଗୁପ୍ତେଶ୍ୱର ଦେବ ଦଣ୍ଡ ଠାକୁରଙ୍କୁ ଆବିର୍ଭାବ କରାଯାଇଥିଲା। ଦଣ୍ଡ ଠାକୁରଙ୍କୁ ପାଣିତୋଳା କରାଯାଇ ନୂତନ ବସ୍ତ୍ର ଓ ଫୁଲରେ ସୁସଜ୍ଜିତ କରାଯାଇଥିଲା। ପରେ ସ୍ନାନ ତୁଠରେ ଶୈବ ପୂଜା, ପାପନାଶିନି ପୂଜା କରାଯିବା ପରେ ଦଣ୍ଡରେ ଅଗ୍ନି ସଂଯୋଗ କରାଯାଇଥିଲା। ସ୍ନାନ ତୁଠରେ ପୂଜାର୍ଚ୍ଚନା ସମ୍ପାଦନା ପରେ ପ୍ରାୟ ୫୦ରୁ ଉର୍ଦ୍ଧ ନୂଆ ଭଗତାଙ୍କୁ ପଇତା ପ୍ରଦାନ କରାଯାଇଥିଲା। ଦଣ୍ଡଠାକୁର ମନ୍ଦିରକୁ ଆଗମନ କରି ଚଳନ୍ତି ପ୍ରତିମାଙ୍କ ଠାରୁ ଆଜ୍ଞାମାଳ ପାଇ ଗାଦିଶ୍ୱର ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଉକ୍ତ ଦିନ ଠାରୁ ଦଣ୍ଡଉତ୍ସବ ଆରମ୍ଭ ହୋଇଥିବା ବେଳେ ୨୧ଦିନ ଧରି ଭଗତାମାନେ ଦିନ ତମାମ ଉପବାସ ରହି ଦଣ୍ଡ ଠାକୁରଙ୍କୁ ନେଇ ଦୈନନ୍ଦିନ ଭିନ୍ନ ଭିନ୍ନ ଗ୍ରାମ ଭ୍ରମଣ କରି ମାନଷିକ ଓ କୋଠ ଦ୍ୱାର ମାନଙ୍କରେ ପାରମ୍ପାରିକ ରିତୀନିତୀରେ ସନ୍ଧ୍ୟାରେ ପାଣିତୋଳା ଉତ୍ସବ ଶେଷ ହେବା ପରେ ଭଗତା ମାନେ ହବିଶ କରି ପୂଜାର୍ଚ୍ଚନା ପରେ ପ୍ରସାଦ ସେବନ କରିବା ସହିତ ରାତ୍ରରେ ଦଣ୍ଡନୃତ୍ୟ ପରିବେଷଣ କରାଯାଉଛି। ଆସନ୍ତା ୧୩ ତାରିଖ ମେରୁ ଦିବସରେ ଏହି ଦଣ୍ଡଯାତ୍ରା ଉତ୍ସବ ସମାପନ ହେବାକୁ ଥିବା ବେଳେ ୧୪ ତାରିଖ ପଣା ସଂକ୍ରାନ୍ତିରେ ଭଗତା ମାନେ ବ୍ରତ ବିସର୍ଜନ କରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିବେ।

